## ସଂକ୍ଷେପରେ

### ମାଡ଼ ମାରିବା ଅଭିଯୋଗରେ ୩ ଯୁବକ ଗିରଫ

**ଖଡ଼ିଆଳ,୨୮।୧ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ସହର ବିଦ୍ୟୁତ୍ ଗ୍ରୀଡ୍ ନିକଟରେ ପୂର୍ବ ଶତ୍ରୁତାରୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଗଡ୍ରାମୁଣ୍ଡା ଗ୍ରାମର ଅକ୍ଷୟ ବାଗ, ଲୋହୋରାପାଲି ଗ୍ରାମର ବିକାଶ ନାଗ ଓ ଖଡ଼ିଆଳ ଲାଲ ସାହେବ ପଡାର ରିକି (ପ୍ରଶାନ୍ତ କୁମାର)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ପୂର୍ବ ଶତ୍ରୁତାକୁ ନେଇ ଲାଲ ସାହେବପଡ଼ାର ମୋହିତ ଭୋଇ ଓ ରୋହିତ ଛତ୍ରିଆ ଏବଂ ଛେଳିଆପଡାର ଜୟଦେବ ପାଣିଗ୍ରାହୀଙ୍କୁ ଅଭିଯୁକ୍ତମାନେ ନିସ୍ଥୁକ ମାଡ ମାରିଥିଲେ। ଫଳରେ ଗୁରୁତର ଅବସ୍ଥାରେ ସେମାନଙ୍କୁ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଏ ନେଇ ମୋହିତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଉପରୋକ୍ତ ୩ ଯୁବକଙ୍କୁ କୋର୍ଟ ଚାଲାଣ କରିଥିବା ତଦନ୍ତ ଅଧିକାରୀ ହରେକୃଷ୍ଣ ଜେନା ପ୍ରକାଶ କରିଛନ୍ତି।

### ମତଦାତା ଦିବସରେ ଉତ୍ତମ କାର୍ଯ୍ୟ ପାଇଁ ବିଏଲ୍ଓ ପୁରସ୍କୃତ

**ନୂଆପଡ଼ା,୨୮।୧ (ମକାରୁ ବେମାଲ):** ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଜିଲାପାଳ କାର୍ଯ୍ୟାଳୟଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମାକରି ସଦ୍ଭାବନା ସଭାଗୃହ ପର୍ଯ୍ୟନ୍ତ ଆସିଥିଲା। ଏହାକୁ ଜିଲାପାଳ ମଧୁସୂଦନ ଦାସ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହାପରେ ଜିଲାପାଳଙ୍କ ସଦ୍ଭାବନା ସଭାଗୃହରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଭୀମସେନ ଶବର, ସୁବାସ ଚନ୍ଦ୍ର ରଏତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଜିଲାପାଳ ଉପସ୍ଥିତ ସମସ୍ତ ମତଦାତାଙ୍କୁ ଶପଥପାଠ କରାଇଥିଲେ। ଅତିଥିମାନେ ମତଦାନ ଦିବସ ପାଳନର ଗୁରୁତ୍ୱ ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ । ଏହି ଅବସରରେ ଉତ୍ତମ କାର୍ଯ୍ୟ ସକାଶେ ବିଏଲ୍ଓ ଓ ସୁପରଭାଇଜରମାନଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଗତ ସାଧାରଣ ନିର୍ବାଚନ ସୁଚାରୁରୂପେ ପରିଚାଳନା କରିଥିବା ଆର୍ଓ- ନୂଆପଡା ଯୋଗେନ୍ଦ୍ର ମାଝି ଏବଂ ଆର୍ଓ ଖଡିଆଳ ସୁବାସ ଚନ୍ଦ୍ର ରଏତଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ ।

### ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କଲମପୁର,୨୮।୧(ଗଣେଶରାମ ବାଗ):** କଳାହାଣ୍ଡି ଜିଲା କଲମପୁର ଗୋଷ୍ଠୀ ଶିକ୍ଷା ଅଧୀନରେ ଥିବା ମଣ୍ଡଳ ବିଶ୍ୱନାଥ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ସ୍ମୃତି ସମ୍ଭାର' ମଙ୍ଗଳବାର ଉଦ୍ଯାପିତ ହୋଇଯାଇଛି। ସ୍କୁଲ ପ୍ରଧାନ ଶିକ୍ଷକ ତଥା ଅଧକ୍ଷ ତୃପ୍ତି ରଞ୍ଜନ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ନାଏକ ମୁଖ୍ୟ ଅତିଥି, ପୂର୍ବତନ ପ୍ରଧାନ ଶିକ୍ଷକ ନୃସିଂହ ପଣ୍ଡା ମୁଖ୍ୟବକ୍ତା, ସମିତି ଉପାଧ୍ୟକ୍ଷ ଚିନ୍ତାମଣି ବେହେରା ସ୍ୱତନ୍ତ୍ର ଅତିଥି, ମଣ୍ଡଳ ସରପଞ୍ଚ ତ୍ରିୟମ୍ବକ ଭୋଇ ସମ୍ମାନିତ ଅତିଥି, ସ୍କୁଲ କମିଟି ସଭାପତି ସଞ୍ଜୟ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ରାଉତ ସ୍ୱାଗତ ଅଭିଭାଷଣ ସହ ବିବରଣୀ ପଠନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଶିକ୍ଷାବିତ୍ ଭାବଗ୍ରାହୀ ପଣ୍ଡା, ଖବରଦାତା ଚକ୍ରଧର ନାଏକ, ଲଡୁଗାଁ ପ୍ରଧାନ ଶିକ୍ଷକ ବୁଦ୍ଧିରାମ ନାଏକ, ପଣ୍ଡିଗାଁ ସ୍କୁଲ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଏକ ପ୍ରମୁଖ ଯୋଗଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ବିଭୀଷଣ ପାନ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଅନିତା ସାହୁ, ସାଗରିକା ପଣ୍ଡା, ସରସ୍ୱତୀ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଅତିଥି ଅଧ୍ୟାପକ ଧନଞ୍ଜୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଛତିଶଗଡ଼ରେ କଳାହାଣ୍ଡି ଗୁଡ଼ର ଚାହିଦା

ଭବାନୀପାଟଣା,୨୮।୧(ଉତ୍ତମ କୁମାର ଦାଶ)


ପ୍ରସ୍ତୁତ ଗୁଡ଼ ।


ଗୁଡ଼ ପ୍ରସ୍ତୁତ ଚାଲିଛି।

■ ନଦୀକୂଳିଆ ଅଞ୍ଚଳରେ ହେଉଛି ବ୍ୟାପକ ଆଖୁଚାଷ
■ ସରକାରୀ ସ୍ତରରେ ବିକ୍ରି ବ୍ୟବସ୍ଥା ଦାବି

କଳାହାଣ୍ଡି ଜିଲାର ଧର୍ମଗଡ, ଜୁନାଗଡ, ଜୟପାଟଣା, କଲମପୁର, ଗୋଲାମୁଣ୍ଡା ଆଦି ଅଞ୍ଚଳରେ ହାତୀ ଓ ତେଲ ନଦୀ କୂଳରେ ବ୍ୟାପକ ପରିମାଣରେ ଆଖୁଚାଷ ହୋଇଛି। ପୂର୍ବରୁ ଏଠାକାର ଆଖୁକୁ ଚାଷୀମାନେ ଜୁନାଗଡ ବ୍ଲକ ମଥୁରାଠାରେ ଥିବା ଚିନିକଳରେ ବିକ୍ରି କରୁଥିଲେ। ହେଲେ ପରବର୍ତ୍ତୀ ସମୟରେ ଉକ୍ତ ଚିନିକଳ ବନ୍ଦ ହୋଇଯିବାରୁ ଚିନ୍ତାରେ ପଡିଥିଲେ ଆଖୁ ଚାଷୀ। ସେତେବେଳେ ଆଖୁ ବିକ୍ରି କରିବା ସହ ଅଳ୍ପ ପରିମାଣ ଗୁଡ ମଧ୍ୟ ତିଆରି କରୁଥିଲେ। ତେବେ ଧୀରେ ଧୀରେ ଗୁଡ ତିଆରି ପ୍ରତି ସେମାନଙ୍କ ଆଗ୍ରହ ବଢ଼ିଲା ଓ ବ୍ୟାପକ ପରିମାଣରେ ଗୁଡ ତିଆରି କରିବାକୁ ଲାଗିଲେ। ଗୁଡରୁ ଭଲ ରୋଜଗାର ହେବାରୁ ଆଜି ଚାଷୀମାନେ ଶହ ଶହ ଏକରରେ ଆଖୁ ଚାଷ କରି ସେଥିରୁ ଗୁଡ ତିଆରି କରୁଛନ୍ତି। ବର୍ତ୍ତମାନ ଉପରୋକ୍ତ ଅଞ୍ଚଳର ଗୁଡ଼ର ମାନ ଭଲ ଥିବାରୁ ଚାହିଦା ବେଶ ଭଲ ରହିଛି। ପଡୋଶୀ ରାଜ୍ୟ ଛତିଶଗଡ ଓ ଆନ୍ଧ୍ରପ୍ରଦେଶର ଗୁଡ ବେପାରୀମାନେ ଏହି ଅଞ୍ଚଳକୁ ଆସି ଗୁଡ ନେଇଯାଉଛନ୍ତି। ଏହାଦ୍ୱାରା କଳାହାଣ୍ଡିର ଗୁଡ ବ୍ୟବସାୟୀ ଭଲ ରୋଜଗାର କରୁଥିବା ପ୍ରକାଶ କରିଛନ୍ତି।

ଜିଲାରେ ଆଖୁ ଚାଷୀ ବିଶେଷ କରି ଜାନୁଆରୀ, ଫେବୃଆରୀ ମାସରେ ଗୁଡ ତିଆରି କରିଥାନ୍ତି। ସେମାନେ ପ୍ରଥମେ ଆଖୁକୁ କାଟି କିଆରିରେ ଏକ ଅସ୍ଥାୟୀ କୁଡିଆ ନିର୍ମାଣ କରି ଆରମ୍ଭ କରିଥାନ୍ତି ଗୁଡତିଆରି ପ୍ରକ୍ରିୟା। ଆଖୁକୁ ଘାଣି ସାହାଯ୍ୟରେ ପେଷି ସେଥିରେ ବାହାରୁଥିବା ରସକୁ ଏକ ବଡ କଡେଇରେ ଘଣ୍ଟା ଘଣ୍ଟା ଧରି ସିଝାଇବା ପରେ ସେଥିରୁ ବାହାରିଥାଏ ଲେସା ଗୁଡ। ପରେ ସେହି ପାଣିଆ ଗୁଡ ଥଣ୍ଡା ହେଲା ପରେ ତିଆରି କରିଥାନ୍ତି ଭେଲା ଗୁଡ। ଏହି ରସରୁ ସେମାନେ ଲେସାଗୁଡ, ଚକି ଗୁଡ, ଭେଲାଗୁଡ, ସରଗୁଡ, ଲେଖାଗୁଡ ଆଦି ତିଆରି କରିଥାନ୍ତି। ସେହି ଗୁଡକୁ ମାଟି ହାଣ୍ଡିରେ ରଖି ବର୍ଷ ତମାମ ବିକ୍ରି କରି ନିଜ ଜିବୀକା ନିର୍ବାହ କରିଥାନ୍ତ। ବର୍ତ୍ତମାନ ଜିଲାରେ ଗୁଡ କିଲୋ ପିଛା ୧୦୦ ଟଙ୍କା ରହିଥିବା ବେଳେ ଏହି ଗୁଡରୁ ବର୍ଷକୁ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି ଗୁଡ ବ୍ୟବସାୟୀ। ପୂର୍ବରୁ ଏହି ଗୁଡ ଜିଲାର ବିଭିନ୍ନ ବଜାରରେ ବିକ୍ରି ହୋଇଆସୁଥିବା ବେଳେ ସ୍ୱାଦ ଓ ଉନ୍ନତ ମାନ ପାଇଁ ବର୍ତ୍ତମାନ ରାଜ୍ୟ ବାହାରକୁ ରପ୍ତାନୀ ହେଉଛି। ଏଥିପାଇଁ ଆଖୁ ଚାଷ ପ୍ରତି ବେଶ ଆଗ୍ରହ ସୃଷ୍ଟି ହେଉଥିବା ପ୍ରକାଶ କରିଛନ୍ତି ଆଖୁ ଚାଷୀ। ଏହି ଗୁଡ ତିଆରି ସମୟରେ ବ୍ୟବସାୟୀମାନେ ସେଥିରୁ ଉଖୁଡା ମଧ୍ୟ ପ୍ରସ୍ତୁତ କରିଥାନ୍ତି। ପୁଣି ଉଖୁଡାକୁ ବଜାରରେ ବିକ୍ରି କରି ମଧ୍ୟ ଭଲ ଦି ପଇସା ରୋଜଗାର କରିଥାନ୍ତି। ଭବିଷ୍ୟତକୁ ଦୃଷ୍ଟିରେ ରଖି ଚାଷୀମାନେ ଜୈବିକ ପ୍ରଣାଳୀରେ ଚାଷ କରିଥାନ୍ତି। ଆବଶ୍ୟକ ସ୍ଥଳେ କେବଳ ଗୋବର ଖତ ହିଁ ବ୍ୟବହାର କରୁଥିବା ପ୍ରକାଶ କରିଛନ୍ତି। ଚିନି କଳ ବନ୍ଦ ହେବା ପରେ ଏକଦା ଆଖୁ ଚାଷ ପ୍ରତି ବିମୁଖ ହୋଇଥିବା ଚାଷୀ ବର୍ତ୍ତମାନ ପୁଣି ଏହି ଚାଷ ପ୍ରତି ଆଗ୍ରହ ବଢାଉଥିବା ଦେଖିବାକୁ ମିଳିଛି। ତେବେ ସରକାରୀ ସ୍ତରରେ ଗୁଡର ବିକ୍ରି ବ୍ୟବସ୍ଥା କରାଗଲେ ବ୍ୟବସାୟୀମାନେ ଆହୁରି ଲାଭବାନ ହୋଇପାରନ୍ତେ ବୋଲି ଆଖୁଚାଷୀ ପୁରୁଷୋତ୍ତମ ନାଏକ, ଶୋଭାରାମ ସତନାମୀ, ଜୟନ୍ତ ନାଏକ ପ୍ରମୁଖ ପ୍ରକାଶ କରିଛନ୍ତି।

# ବିଜ୍ଞାନ ମହାବିଦ୍ୟାଳୟ ଖୋଲିବା ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର

କୋମନା,୨୮।୧ (ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ୍ କଣ୍ଡେତରାରେ ଏକ ବିଜ୍ଞାନ ମହାବିଦ୍ୟାଳୟ ଖୋଲିବା ପାଇଁ ଅଞ୍ଚଳର ଯୁବଗୋଷ୍ଠୀ ନୂଆପଡ଼ା ଗସ୍ତରେ ଆସିଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ଜିଲାର ଏକ ବୃହତ୍ ବ୍ଲକ୍ ହେଉଛି କୋମନା। ବ୍ଲକ୍ ମୁଖ୍ୟାଳୟରେ ଏକମାତ୍ର ବିଜ୍ଞାନ ମହାବିଦ୍ୟାଳୟ ଥିଲେ ମଧ୍ୟ ସମସ୍ତ ଆଗ୍ରହୀ ପିଲା ପଢ଼ିପାରୁ ନାହାନ୍ତି। ଦୂର ସ୍ଥାନରେ ମହାବିଦ୍ୟାଳୟ ଥିବାରୁ ସେଠାରେ ରହି ପାଠ ପଢିବା ଗରିବ ଶ୍ରେଣୀର ପିଲାଙ୍କ ପାଇଁ ସମ୍ଭବ ହେଉନାହିଁ। ତେଣୁ କଣ୍ଡେତରାରେ ଏକ ବିଜ୍ଞାନ ମହାବିଦ୍ୟାଳୟ ଖୋଲିଲେ ଗରିବ ମେଧାବୀ ଛାତ୍ରୀଛାତ୍ର ପଢ଼ିବାର ସୁଯୋଗ ପାଇପାରନ୍ତେ ବୋଲି ଉଲ୍ଲେଖ କରିଛନ୍ତି। ଦାବିପତ୍ର ଦେବା ସମୟରେ ପ୍ରଗତି କ୍ଲବ୍‌ର ପୁରେନ୍ଦର ସତନାମୀ, ମଧୁସୂଦନ ପାଣିଗ୍ରାହୀ, ଛନୁଲାଲ ସତନାମୀ, ମୁଜିବ ଖାନ, ମନୋଜ ଭୋଇ, ଦିବ୍ୟସିଂ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଗତି ଶିକ୍ଷାନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କର୍ମକର୍ତ୍ତା ଓ ଛାତ୍ରୀଛାତ୍ର।

ଭବାନୀପାଟଣା,୨୮।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଉପକଣ୍ଠ ପ୍ରଗତି ଶିକ୍ଷାନୁଷ୍ଠାନରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭବାନୀପାଟଣା ବିଧାୟକ ସାଗର ଚରଣ ଦାସ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଗତି ଅନୁଷ୍ଠାନର ସେକ୍ରେଟାରୀ ଇଂ. ଅଜୟ କୁମାର ପଣ୍ଡା, ଚେୟାରପର୍ସନ ସୁଶ୍ରୀ ସଙ୍ଗୀତା ପଣ୍ଡା, ପ୍ରଶାସନିକ ଅଧିକାରୀ ପ୍ରଣବ କୁମାର ପଣ୍ଡା, ପ୍ରଗତି ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ଲକ୍ଷ୍ମୀକାନ୍ତ ବେହେରା, ଅଧକ୍ଷ ଚିନ୍ମୟ ଗୁରୁ, ଶେଷଦେବ ମୁଣ୍ଡ, ତାପସ ପରିମାଣିକ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପରେଡ଼ ପ୍ରଦର୍ଶନ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ ପିରାମିଡ଼ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏହି ଅବସରରେ ଗତ ଡିସେମ୍ବର ୨୯ରେ ଅନୁଷ୍ଠିତ ପ୍ରଗତି ପ୍ରତିଭା ପ୍ରତିଯୋଗିତା ପରୀକ୍ଷାର ଶ୍ରେଷ୍ଠ ପ୍ରତିଯୋଗୀଙ୍କ ନାମ ମୁଖ୍ୟଅତିଥି ଘୋଷଣା କରିଥିଲେ। ଏଥିରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମୁଖିଗୁଡାର ଛାତ୍ରୀ ଶ୍ରୀୟାଂଶୀ ସାହୁ ପ୍ରଥମ, ଗାନ୍ଧିଜୀ ଉଚ୍ଚ ବିଦ୍ୟାଳୟ, ରଣମାଳର ଛାତ୍ର ପ୍ରିୟବ୍ରତ ନାଗ ଦ୍ୱିତୀୟ ଓ ଶାସ୍ତ୍ରୀଜୀ ଶିକ୍ଷା ନିକେତନ, ଭବାନୀପାଟଣାର ଛାତ୍ର ଭୁପେଶ ନାଏକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କୃତୀ ପ୍ରତିଯୋଗୀମାନେ ଆଗାମୀ ଶିକ୍ଷାବର୍ଷରେ ଯୁକ୍ତ ଦୁଇ ବିଜ୍ଞାନରେ ଦୁଇବର୍ଷ ବିନା ଶୁଳ୍କରେ ପଢିବା, ରହିବା, ଖାଇବା ଖର୍ଚ୍ଚ ସହ ପୋଷାକ, ବହିପତ୍ର ଭଳି ସମସ୍ତ ସୁବିଧା ପାଇବେ ବୋଲି ଅନୁଷ୍ଠାନର ମୁଖ୍ୟ ଅଜୟ ପଣ୍ଡା ଘୋଷଣା କରିଥିଲେ।


ନୃତ୍ୟ ପରିବେଷଣ କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଉଛି।

# ସାଂସ୍କୃତିକ ସନ୍ଧ୍ୟା ଭାରତୀୟମ: ସମ୍ବଲପୁରୀ ନୃତ୍ୟରେ ଝୁମିଲେ ଦର୍ଶକ

ନୂଆପଡ଼ା,୨୮।୧ (ମକାରୁ ବେମାଲ)

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସ୍ଥାନୀୟ ପୋଲିସ ପଡ଼ିଆରେ ନୃତ୍ୟଗୀତ ଭରା ସାଂସ୍କୃତିକ ସନ୍ଧ୍ୟା ଭାରତୀୟମ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥି, କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ, ପୂର୍ବତନ ଏମ୍‌ପି ବସନ୍ତ ପଣ୍ଡା, ଜିଲାପାଳ ମଧୁସୂଦନ ଦାସ, ଜିଲା ଆରକ୍ଷୀ ଅଧୀକ୍ଷକ ଗୁଦାଲା ରେଡ୍ଡୀ ରାଘବେନ୍ଦ୍ର, ଖଡିଆଳ ବନଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ ଖାନ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ସହ ଲୋଇସିଂହାର ସଂଗୀତ ସାଧନା କଳାକାରଙ୍କ ସମ୍ବଲପୁରୀ ନୃତ୍ୟଗୀତରେ ଦର୍ଶକ ଝୁମିଉଠିଥିଲେ। ଭୁବନେଶ୍ୱରରୁ ଆସିଥିବା ବର୍ଣ୍ଣାଳୀ ହୋତା ଓ ଗ୍ରୁପ୍ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ମଧୁସ୍ମିତା ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ ଓ ବାର୍ଷିକ ଉତ୍ସବ

କଲମପୁର,୨୮।୧(ଗଣେଶରାମ ବାଗ)

କଲମପୁରସ୍ଥିତ ଗ୍ରୀନ୍ ଭ୍ୟାଲି ଏକାଡେମି (ବିଦ୍ୟାଳୟ)ରେ ୭୬ତମ ସାଧାରଣତନ୍ତ୍ର ଦିବସ ଓ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷା ଶିବାନୀ ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ବିଜୟ ପଣ୍ଡା ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ପଣ୍ଡିଗାଁ ସରପଞ୍ଚ କବିତା ଜୈନ ଉପସ୍ଥିତ ରହିଥିଲେ। ବାର୍ଷିକ ଉତ୍ସବ ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ଉପଢୌକନ ଓ ମାନପତ୍ର ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସୁଶୀଲ କୁମାର ଜୈନ, ଶିବାନନ୍ଦ ସାହୁ, ମନୋଜ ଅଗ୍ରୱାଲଙ୍କ ସମେତ ସମସ୍ତ କର୍ମକର୍ତ୍ତା, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବେହେରା,୨୮।୧(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ୍ ବେହେରାସ୍ଥିତ ଦନ୍ତେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ସହ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରୂପେନ୍ଦ୍ର ବାଗୁଆଙ୍କ ଅଧ୍ୟକ୍ଷତାରେ ଧର୍ମଗଡ଼ ବିଡିଓ ପଙ୍କଜିନୀ ମାଝୀ ମୁଖ୍ୟ ଅତିଥି, ଲଖିରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ମୋହନ ଚରଣ ବିଶି ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବରେ ବେହେରା ସରପଞ୍ଚ କୁମୁଦିନୀ ଗଇଁତା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବଳରାମ ପୂଜାରୀ, ବିଦ୍ୟାଳୟ ପ୍ରତିଷ୍ଠାତା ନିତ୍ୟାନନ୍ଦ ନାଏକ, ଶିକ୍ଷକ ସଚ୍ଚିଦାନନ୍ଦ ଗଉଡ଼, ଶିକ୍ଷାବିତ୍ ତୁଳସୀରାମ ବାରିକ, ଶିକ୍ଷାବିତ୍ ଶଶିଧର ସାହୁ, କ୍ଷୀତିରାମ ସାହୁ, ଭକ୍ତଚରଣ ଭୋଇ, ଭକ୍ତଚରଣ ସିଂ ରାଜପୁତ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଚକ୍ରଧର ବାରିକ ଓ ଇଂରାଜୀ ଶିକ୍ଷକ ପ୍ରେମଲାଲ କାଣ୍ଡ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ସମସ୍ତ ନିମନ୍ତ୍ରିତ ଅତିଥି, ଅଭିଭାବକଙ୍କୁ ନେଇ ବିଦ୍ୟାଳୟ ପ୍ରତିଷ୍ଠା ଦିନରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

# କ୍ୟାରମ, ଚେସ୍ ପ୍ରତିଯୋଗିତା: କୃତୀ ପ୍ରତିଯୋଗୀ ପୁରସ୍କୃତ

ଭବାନୀପାଟଣା,୨୮।୧(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମଠାରେ ଗତ ୧୦ ରୁ ୧୨ ତାରିଖ ପର୍ଯ୍ୟନ୍ତ କଳାହାଣ୍ଡି ଉତ୍ସବ ଘୁମୁରା ଉପଲକ୍ଷେ ଜିଲାସ୍ତରୀୟ କ୍ୟାରମ ଓ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେତା ଓ ଉପବିଜେତାଙ୍କୁ ସୋମବାର ସନ୍ଧ୍ୟାରେ ପୁରସ୍କାର ବିତରଣ କରାଯାଇଛି। ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ କଳାହାଣ୍ଡି କ୍ୟାରମ ଆସୋସିଏଶନ ସଭାପତି ପ୍ରଦୀପ କୁମାର ଦାସ (ବାପି)ଙ୍କ ନେତୃତ୍ୱରେ ହୋଇଥିବା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ସ୍ୱତନ୍ତ୍ର ଅତିଥି ଭାବରେ ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ସମ୍ମାନିତ ଅତିଥି ଭାବରେ କଳାହାଣ୍ଡି ବ୍ୟାଡ୍‌ମିଣ୍ଟନ ସଂଘ ସମ୍ପାଦକ ସନ୍ଦୀପ ମିଶ୍ର ଓ ବରିଷ୍ଠ ଚେସ୍ ଖେଳାଳି ସୁଧୀର ବେହେରା ପ୍ରମୁଖ ଯୋଗଦେଇଥିଲେ। କ୍ୟାରମ ସଂଘର ବରିଷ୍ଠ ସମ୍ପାଦକ ପୁରସ୍କାର ଘୋଷଣା କରିଥିଲେ। ଚେସ୍ ଖେଳର କନିଷ୍ଠ ବିଭାଗରେ ବିକାଶ ସ୍କୁଲର ସ୍ୱାଭିମାନ ପାତ୍ର ବିଜେତା ଓ ସତ୍ୟସାଇ ବିଦ୍ୟାମନ୍ଦିରର ରବିଶଙ୍କର ପଣ୍ଡା ଉପବିଜେତା ଘୋଷିତ ହୋଇଥିଲେ। ସିନିୟର ବିଭାଗରେ ବିଷ୍ଣୁ ଅଗ୍ରୱାଲ ବିଜେତା ଓ ଭୀମସେନ ପାତ୍ର ଉପବିଜେତା ହୋଇଥିଲେ। ତ୍ରିଲୋଚନ ଛତ୍ରିଆ ତୃତୀୟ ହୋଇଥିଲେ। ସେହିପରି କ୍ୟାରମ ଖେଳର ଏକକ ବିଭାଗରେ ପ୍ରଜ୍ଞାଦୀପ୍ତ ମାଝୀ ବିଜେତା ଓ କ୍ଷୀରୋଦ ମୁଣ୍ଡ ଉପବିଜେତା ହୋଇଥିଲେ। କ୍ୟାରମ ଡବଲ୍ସରେ ସୌମ୍ୟରଞ୍ଜନ ତ୍ରିପାଠୀ ଓ ସାଥୀ ଶ୍ୟାମ ମହାନନ୍ଦ ବିଜେତା ଏବଂ କାଂଶିରାଜ ନାଏକ ଓ ସାଥୀ ପ୍ରସନ୍ନ ତ୍ରିପାଠୀ ଉପବିଜେତା ହୋଇଥିଲେ। ସମସ୍ତ କୃତୀ ଖେଳାଳିଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲ। ଶେଷରେ ସଭାପତି ପ୍ରଦୀପ ଦାସ ଧନ୍ୟବାଦ ଦେଇଥିଲେ।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ନ୍ୟୁଇୟର କପ୍ କ୍ରିକେଟ: ଦର୍ଲିପଡ଼ା ଚାମ୍ପିୟନ

ନୂଆପଡା,୨୮।୧ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମରେ ଦେଶୀ ବୟେଜ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୮ତମ ନ୍ୟୁଇୟର କପ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଟିକ୍ରାପଡ଼ା ଓ ଦର୍ଲିପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦର୍ଲିପଡ଼ା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ହରାଇ ୧୪୬ ରନ ସଂଗ୍ରହ କରିଥିଲା। ଜବାବରେ ଟିକ୍ରାପଡ଼ା ଦଳ ନିର୍ଦ୍ଧାରିତ ୮ ଓଭରରେ ୩ ଉଇକେଟ ହରାଇ ୧୪୨ ରନ କରିବାରେ ସମର୍ଥ ହୋଇଥିଲା। ଫଳରେ ଦର୍ଲିପଡା ଚାମ୍ପିୟନ ହୋଇଥିଲା। ଅନୁଷ୍ଠାନ ସଭାପତି ଅଜୟ କୁମାର ଗହିରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଜିଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଶୀ ମୁଖ୍ୟଅତିଥି, ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା, ସାମାଜିକ କର୍ମୀ ଗୋପମଣି ପାଣିଗ୍ରାହୀ, ତରବୋଡ ସରପଞ୍ଚ ଶ୍ୟାମସୁନ୍ଦର ପୃଷ୍ଟି, ମାଧୋ ପ୍ରସାଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ । ଅନନ୍ତ ବେମାଲ ଓ ହେମନ୍ତ ଚିରାଗୁଲ ଖେଳ ପରିଚାଳନା କରିଥିଲେ।

# ରେଲୱେକୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ

ଗୋଲାମୁଣ୍ଡା,୨୮।୧(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ଭବାନୀପାଟଣାଙ୍କ ଏକ ନିର୍ଦ୍ଦେଶ ଚର୍ଚ୍ଚାର ବିଷୟ ପାଲଟିଛି। ଜଣେ ରେଳ ଯାତ୍ରୀଙ୍କୁ ଗନ୍ତବ୍ୟ ସ୍ଥଳରେ ବିଳମ୍ବରେ ପହଞ୍ଚାଇବା ଉପରେ ଏକ ରାୟ ପ୍ରକାଶ ପାଇଛି। ଅଭିଯୋଗକାରୀଙ୍କ ସମସ୍ତ ତଥ୍ୟକୁ ଆଧାର କରି ଆୟୋଗ କ୍ଷତିପୂରଣ ପାଇଁ ରେଲୱେକୁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିପୂରଣ ବାବଦରେ ୧୦ଲକ୍ଷ ଟଙ୍କା ଯାତ୍ରୀଙ୍କୁ ଦେବାକୁ ଏଥିରେ ଦର୍ଶାଯାଇଛି। ଏହି ଅର୍ଥ ରାଜ୍ୟ ଖାଉଟି କଲ୍ୟାଣ ପାଣ୍ଠିରୁ ଦିଆଯିବା ନେଇ ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ ଯେ ଗୋଲାମୁଣ୍ଡା ବ୍ଲକ ଶୋଷିଆ ଗ୍ରାମର ସୁମନ ନେଗି ଗତବର୍ଷ ମେ ୧୪ରେ ରାୟପୁରରୁ ଆନ୍ଧ୍ରପ୍ରଦେଶର ଲିଙ୍ଗମପାଲି ଯାଉଥିଲେ। ସେଠାରୁ ସେ ୟେମିଗାନୁର ଯାଇ ବିଏଡ଼ ତୃତୀୟ ବର୍ଷ ସେମିଷ୍ଟର ପରୀକ୍ଷା ଦେବାର ଥିଲା। ସେ ଯାଉଥିବା ୦୮୨୯୨ନମ୍ବର ବିଏସ୍‌ପି ସୁପର ସ୍ପେଶାଲ ଟ୍ରେନଟି ପ୍ରାୟ ୧୮-୨୪ ଘଣ୍ଟା ବିଳମ୍ବରେ ଲିଙ୍ଗମପାଲି ପହଞ୍ଚାଇଥିଲା। ଫଳରେ ସେ ପରୀକ୍ଷା ଦେବାରୁ ବଞ୍ଚିତ ହେବା ସହ ହଇରାଣ ହୋଇଥିଲେ। ଏ ନେଇ ସୁମନ ଜିଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ନିକଟରେ ଅଭିଯୋଗ କରିଥିଲେ। ଆୟୋଗ ଏହାକୁ ବିଚାରକୁ ନେଇ ରେଲୱେକୁ ଉପରୋକ୍ତ ପରିମାଣର କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଲକ୍ଷ୍ୟସ୍ଥଳରେ ଅଗ୍ରସର ହେବାକୁ ପରାମର୍ଶ



ଭବାନୀପାଟଣା,୨୮।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବିକାଶ ଆବାସିକ ବିଦ୍ୟାଳୟ ଓ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ 'ଲମହେ' ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନର ନିର୍ଦ୍ଦେଶକ ଡି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି. ରାମ କୁମାର, ଶିକ୍ଷା ପ୍ରଭାରୀ ଡି. ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି. ପଦ୍ମିନୀ, ଡିଗ୍ରୀ କଲେଜ ଅଧକ୍ଷ ଡ. ଆଦିତ୍ୟ ପଟ୍ଟନାୟକ, ବିବିଏ, ବିସିଏ ବିଭାଗ ଅଧକ୍ଷ ଡ. ସୁଦୀପ୍ତ ଜେନା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧକ୍ଷା ଆରତି ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅଧକ୍ଷ ଯୁବରାଜ ନାୟକ ସ୍ୱାଗତ ଭାଷଣ ଓ ଅଧକ୍ଷା ଆରତି ମିଶ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ଉଚ୍ଚ ଅଭିଳାଷ ପୋଷଣ କରି ଲକ୍ଷ୍ୟସ୍ଥଳରେ ଅଗ୍ରସର ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

## ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

**ଖଡ଼ିଆଳ,୨୮।୧ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳସ୍ଥିତ ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲର ୪ର୍ଥ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗ ଦେଇଥିଲେ। ସ୍କୁଲର ପ୍ରତିଷ୍ଠାତା ପ୍ରବୀଣ ରଞ୍ଜନ ଠାକୁର ଅଧକ୍ଷତା କରିଥିବା ବେଳେ ମୁଖ୍ୟ ବକ୍ତା ରୂପେ ପଲ୍ଲୀ ପ୍ରଗତି କଲେଜ ଅଧକ୍ଷ ରୁଦ୍ର ମାଧବ ବାରିକ ଓ ସମ୍ମାନିତ ଅତିଥି ରୂପେ ଖଡିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଖଡିଆଳ ନଗର ଅଧକ୍ଷ ଉଜ୍ଜ୍ୱଳ ଗୁପ୍ତା, ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାଏକ, ପବ୍ଲିକ ସ୍କୁଲ ଅଧକ୍ଷ ମିନାକ୍ଷୀ ଦଣ୍ଡସେନା ପ୍ରମୁଖ ମଞ୍ଚାସୀନ ଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଗଛରେ ପିଟି ହୋଇ ବାଇକ୍ ଚାଳକ ମୃତ

**ପାଇକମାଳ (ବଡ ଶତପଥି)**–ବରଗଡ଼ ଜିଲା ପାଇକମାଳ ବ୍ଲକ ମଳଦାରେ ଏକ ଗଛରେ ବାଇକ୍ ପିଟି ହେବାରୁ ମଙ୍ଗଳବାର ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଝାରବନ୍ଧ ଥାନା ଇସ୍କିନ୍ଦା ଗ୍ରାମର ଅଙ୍ଗଦ ବାଗ (୩୨)। ଅଙ୍ଗଦ ପଦ୍ମପୁରରୁ ପାଇକମାଳ ଆସୁଥିବା ବେଳେ ରାସ୍ତାରେ ଦୁର୍ଘଟଣା ଘଟିଥିଲା । ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ନଂ. ୨୨/୨୫ରେ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### କୁର୍ଲୁପାଲି ପଞ୍ଚାୟତସ୍ତରୀୟ ବାର୍ଷିକ କ୍ରୀଡ଼ା ଉତ୍ସବ

**ଝାରବନ୍ଧ,୨୮।୧(ଦେବେନ୍ଦ୍ର ସାହୁ):** ଝାରବନ୍ଧ ବ୍ଲକ କୁର୍ଲୁପାଲି ଗ୍ରାମ ପଞ୍ଚାୟତ ସ୍ତରୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅହଲ୍ୟା ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତି, ଜିଲା ପରିଷଦ ସଦସ୍ୟ ସନ୍ତୋଷ ବେହେରା, ଏବିଇଓ ଦିବ୍ୟ କିଶୋର ପଣ୍ଡା, ନିର୍ବାହୀ ଅଧିକାରୀ ଚମ୍ପୁଲାଲ ଲୁହାର, ଜିଆର୍‌ଏସ୍ ନାରାୟଣ ପ୍ରଧାନ, ୱାର୍ଡ ସଭ୍ୟ ବସୁଦେବ ପୋଢ଼, ଧୋବା ପଟେଲ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ମାଣିକ ସା ମଞ୍ଚ ପରିଚାଳନା କରିଥିଲେ। ତୁକାରାମ ପଟେଲ, ଫଗୁଲାଲ ସିଦାର, ବିଭୁଦେନ୍ଦୁ ପ୍ରଧାନ, ପ୍ରତାପ ପଟେଲ, ଲିଲି ବାରିକ, କୁଞ୍ଜଲତା ବିଶ୍ୱାଳ, ଜଗନ ନାଏକ, ହେମସାଗର ଦାସ ପ୍ରମୁଖ ସହଯୋଗ କରିଥିଲେ।

### ଅଜଣା ଗାଡ଼ି ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ

**ଅତାବିରା,୨୮।୧(ହୃଷୀକେଶ ଖମାରୀ):** ଅତାବିରା ଥାନା ଅନ୍ତର୍ଗତ ୫୩ନମ୍ବର ଜାତୀୟ ରାଜପଥ ସିନାବାହାଲ ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ଅଜଣା ଗାଡ଼ି ଧକ୍କାରେ ପତ୍ରାପାଲି ଗ୍ରାମର ଶ୍ରମିକ ବିମଳେଶ୍ୱର ଝାଙ୍କର(୨୭)ଙ୍କ ମତ୍ୟୁ ହୋଇଛି। ସେ ସ୍ଥାନୀୟ ରାଇସ୍ ମିଲରେ ଶ୍ରମିକଭାବେ କାର୍ଯ୍ୟ କରୁଥିଲେ। ଔଷଧ ଦୋକାନକୁ ଔଷଧ କିଣିବାକୁ ଯାଉଥିବାବେଳେ ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର୍ ହୋଇ ଯାଇଥିଲା ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ଅତାବିରା ଥାନା ପୋଲିସ ଏ ନେଇ ଏକ ମାମଲା(ନଂ–୩୪/୨୫) ରୁଜୁ କରି ମଙ୍ଗଳବାର ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି।

### ମେଧାବୃତ୍ତି ପରୀକ୍ଷା: କୁଲୁଟାଟୁକୁରା ସ୍କୁଲ ଛାତ୍ରୀଙ୍କ ଦ୍ୱିତୀୟ ସ୍ଥାନ

**ସରଣ୍ଡା, ୨୮।୧(ଯୁଧିଷ୍ଠିର ମହାପାତ୍ର):** ଅତାବିରା ବ୍ଲକ ଅନ୍ତର୍ଗତ କୁଲୁଟାଟୁକୁରା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବର୍ଷା ତାଣ୍ଡିଆ ନବମ ଶ୍ରେଣୀ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷାରେ ମୋଟ ୧୦୦ରୁ ୬୩ ମାର୍କ ଆଣି ଅତାବିରା ବ୍ଲକରେ ଅନୁସୂଚିତ ଜାତି ବର୍ଗରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେ କୁଲୁଟାଟୁକୁରା ନିବାସୀ ଶ୍ୟାମଲାଲ ତାଣ୍ଡିଆ ଓ ଯଶୋବନ୍ତି ତାଣ୍ଡିଆଙ୍କ ଝିଅ। ସେମାନେ ଝିଅର ସଫଳତା ପାଇଁ ପ୍ରଧାନ ଶିକ୍ଷକ ରୁଦ୍ର ପ୍ରସାଦ ଛନ୍ଦ ଓ ସମସ୍ତ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। 'ଛୋଟ ମୋର ଗାଁ'ଟି ତରଫରୁ ଅଭିଷେକ ପଣ୍ଡା ଓ ପର୍ବତାରୋହୀ ଆଶୀର୍ବାଦ ମହାପାତ୍ର ବର୍ଷାଙ୍କୁ ସଫଳତା ପାଇଁ ସମ୍ବର୍ଦ୍ଧିତ କରିଥିଲେ।

### ସରକାରୀ ପଲିଟେକନିକ୍‌ରେ ନିଯୁକ୍ତିମେଳା

**ସୋନପୁର,୨୮।୧(ମୃତ୍ୟୁଞ୍ଜୟ ଶତପଥୀ):** ସୁବର୍ଣ୍ଣପୁର ସରକାରୀ ବହୁବୃତ୍ତି ଶିକ୍ଷାନୁଷ୍ଠାନ(ପଲିଟେକନିକ୍) ଠାରେ ଜିଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ ତରଫରୁ ଏକ ନିଯୁକ୍ତିମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ସଞ୍ଜୁ କୁମାରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ନିଯୁକ୍ତି ମେଳାରେ ବୀରମହାରାଜପୁର ବିଧାୟକଙ୍କ ପ୍ରତିନିଧି ସ୍ୱରୂପ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବାବେଳେ ନୃସିଂହ ପୃଷ୍ଟି ଓ ସରକାରୀ ପୋଲିଟେକନିକର ବରିଷ୍ଠ ଅଧ୍ୟାପକ ପଦ୍ମଲୋଚନ ବେହେରା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ମେଳାରେ ଆବି ୱେଷ୍ଟ, ସେଫ ଏଜୁକେଟ, ଗୋକଲ ଦାସ ପ୍ରାଇଭେଟ ଲିମିଟେଡ୍, ସାହି ଏକ୍ସପୋର୍ଟ, ପିପୁଲସ ଫୋରମ, ଏସବିଆଇ ଲାଇଫ, ଏଲଆଇସି ଅଫ ଇଣ୍ଡିଆ, ଆରଏସଇଟିଆଇ, ପିପୁଲ ମନ୍ତ୍ରା, ନେସନାଲ କେରିଅର ସର୍ଭିସ, ଏନସିଏଟି ସ୍କିଲ, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ, ଇ– ସୁବିଧା ପ୍ରଭୃତି ପ୍ରମୁଖ କର୍ମସଂସ୍ଥାନ ସଂସ୍ଥା ମେଳାରେ ଯୋଗଦାନ କରିଥିବା ୪୨୨ ଜଣ ବେରୋଜଗାର ଯୁବତୀଯୁବକଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ। କନିଷ୍ଠ ନିୟୋଜନ ଅଧିକାରୀ ସନ୍ତୋଷ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ୟୁରିଆ, ଡିଏପି କଳାବଜାରକୁ ନେଇ ଚାଷୀ ଅସନ୍ତୋଷ

- ଆବଶ୍ୟକ ବେଳେ ସାର ଅଭାବ
- ରିଟେଲରଙ୍କ ଚାଲିଛି ମନମାନି
- ସାର ବିକ୍ରି ଲାଇସେନ୍ସର ସର୍ତ୍ତ ଅବମାନନା ଅଭିଯୋଗ

**ବରଗଡ଼,୨୮।୧(ପ୍ରେମାନନ୍ଦ ଖମାରୀ)**

ଅଧିକ ଧାନ ଉତ୍ପାଦନ ଯୋଗୁ ବରଗଡ଼ ଜିଲାକୁ ରାଜ୍ୟର ଭାତହାଣ୍ଡି କୁହାଯାଏ। କିନ୍ତୁ ଜିଲାର ଚାଷୀଙ୍କ ସମସ୍ୟା ଅସମାହିତ ହୋଇ ରହିଛି। ଧାନବିକ୍ରି ସମୟରେ ଚାଷୀଙ୍କୁ କଟ୍‌ନି ଛଟ୍‌ନିର ସମ୍ମୁଖୀନ ହେବାକୁ ପଡୁଥିବାବେଳେ ଚାଷକାର୍ଯ୍ୟ ଆରମ୍ଭରୁ ସାର କଳାବଜାର ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଜିଲାରେ ଏବେ ରବି ଚାଷକାର୍ଯ୍ୟ ଜୋର୍ ଧରିଛି। ଅନେକ ସ୍ଥାନରେ ଧାନପହ୍ଲା ରୁଆ ସରିଯାଇ ଥିବାବେଳେ ବିଭିନ୍ନ ଜାଗାରେ ଚାଷୀମାନେ ରୁଆକାର୍ଯ୍ୟରେ ବ୍ୟସ୍ତ ଅଛନ୍ତି। ତେବେ ଚାଷକାର୍ଯ୍ୟ ଆରମ୍ଭରୁ ଜମିରେ ଡିଏପି, ୟୁରିଆ ସାରର ଆବଶ୍ୟକତା ଥିବାବେଳେ ସାରବିକ୍ରିରେ କଳାବଜାରକୁ ନେଇ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି।

ସରକାରୀ ଧାର୍ଯ୍ୟଦରରେ ସାର ବିକ୍ରି ପାଇଁ ଜିଲାରେ ଲାଇସେନ୍ସପ୍ରାପ୍ତ ରିଟେଲର୍, ହୋଲସେଲର ଏବଂ ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକୁ ଦାୟିତ୍ୱ ଦିଆଯାଇଛି। ଚଳିତ ରବିଚାଷ ପାଇଁ ଜିଲାରେ ୨୯ହଜାର ମେଟ୍ରିକ ଟନ୍ ୟୁରିଆର ଆବଶ୍ୟକ ଥିବାବେଳେ ଏ ଯାଏ ୮୭୬୯.୮୮ ମେଟ୍ରିକ ଟନ୍ ୟୁରିଆ ସାର ଜିଲାକୁ ଆସିଛି। ସେହିପରି ୧୧ହଜାର ୫୦୦ମେଟ୍ରିକ ଟନ୍ ଡିଏପି ସାର ଆବଶ୍ୟକ ଥିବାବେଳେ ଜିଲାକୁ ୨୯୫୩ ମେଟ୍ରିକ ଟନ୍ ଡିଏପି ସାର ମିଳିଛି। ଗୋଟିଏ ପଟେ ସାର ଅଭାବ ଏବଂ ଅନ୍ୟପଟେ ସାରରେ କଳାବଜାର ଚାଷୀଙ୍କୁ ଚିନ୍ତାରେ ପକାଇ ଦେଇଛି। କେତେକ ରିଟେଲର୍, ହୋଲସେଲର୍ ସାରବିକ୍ରି ଲାଇସେନ୍ସର ସର୍ତ୍ତ ଅବମାନନା କରୁଥିବା ଅଭିଯୋଗ ହୋଇଛି। ସରକାରୀ ଧାର୍ଯ୍ୟଦର ମୁତାବକ ୟୁରିଆ ସାର ପକେଟ୍(୪୫କି.ଗ୍ରା.) ପ୍ରତି ୨୬୬ଟଙ୍କା ୫୦ପଇସା ରହିଛି। ମାତ୍ର ଏହାକୁ ଚଢ଼ାଦରରେ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। ୟୁରିଆ ସାର ପକେଟ୍ ପ୍ରତି ୨୬୬ଟଙ୍କା ୫୦ ପଇସା ରହିଥିବାବେଳେ ତାକୁ ୩୨୦ଟଙ୍କାରୁ ୩୫୦ଟଙ୍କା ଦରରେ ବିକ୍ରି କରାଯାଉଛି। କେବଳ ସେତିକି ନୁହେଁ, ଜଣେ ଚାଷୀ ଗୋଟିଏ ପକେଟ୍ ୟୁରିଆ ସାର କିଣିଲେ, ତାଙ୍କୁ ୧୫୦ଟଙ୍କାର ଏକ ବାୟୋଫର୍ଟିଲାଇଜର୍ କିଣିବାକୁ ବାଧ କରାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ସେହିପରି ଡିଏପି ସାରକୁ ମଧ୍ୟ ଅନୁରୂପଭାବେ ଚଢ଼ାଦରରେ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। ସରକାରୀ ଧାର୍ଯ୍ୟଦର ମୁତାବକ ଡିଏପି ସାର ପକେଟ୍(୫୦କି.ଗ୍ରା.) ପ୍ରତି ୧୩୫୦ଟଙ୍କା ଅଟେ। କିନ୍ତୁ ଏହି ସାରକୁ ମଧ୍ୟ ଲାଇସେନ୍ସପ୍ରାପ୍ତ ରିଟେଲର, ହୋଲସେଲରମାନେ ୧୫୫୦ଟଙ୍କାରୁ ୧୬୦୦ଟଙ୍କାରେ ବିକ୍ରି କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବରଗଡ଼ ବ୍ଲକ କଲାପାଣି ଗ୍ରାମର ଚାଷୀନେତା ସୁରେଶ ନେକାଣ୍ଡି କହିଛନ୍ତି, ଜମି କାଦୁଅ ସମୟରେ ଡିଏପି ସାର ପ୍ରୟୋଗ କରିବାକୁ ପଡ଼ିଥାଏ।

ସେହିପରି ପହ୍ଲାରୁଆ ପରେ ଉଭୟ ଡିଏପି, ୟୁରିଆ ସାର ଦରକାର ପଡ଼େ। କିନ୍ତୁ ବର୍ତ୍ତମାନ ଏହି ସାରଗୁଡ଼ିକୁ ସରକାରୀ ଧାର୍ଯ୍ୟଠାରୁ ଅଧିକ ଦରରେ ବିକ୍ରି କରାଯାଉଥିବା ଯୋଗୁ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି। ଗୋଟିଏ ପଟେ ସରକାର ଚାଷୀଙ୍କୁ ରିହାତି ମୂଲ୍ୟରେ ସାର ଯୋଗାଇ ଦେଉଥିବା କହୁଥିବାବେଳେ ଅନ୍ୟପଟେ ଲାଇସେନ୍ସପ୍ରାପ୍ତ ରିଟେଲରମାନେ ସେଥିରେ କଳାବଜାର କରିବା ଦୁର୍ଭାଗ୍ୟଜନକ। ସେଭଳି ରିଟେଲରମାନଙ୍କୁ କଳା ତାଲିକାଭୁକ୍ତ କରିବା ସହିତ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ନେକାଣ୍ଡି ଦାବି କରିଛନ୍ତି। ଜିଲା ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି, ଜିଲାରେ ସାର ସଙ୍କଟ ରହିଛି। ମୁନାଫାଖୋର ବେପାରୀମାନେ ଏହାର ସୁଯୋଗ ନେଉଛନ୍ତି। ସେହିଭଳି ପ୍ୟାକ୍ସ ଜରିଆରେ ସାର ଚାଷୀମାନଙ୍କୁ ଯୋଗାଇ ଦେବା କଥା, କିନ୍ତୁ ତାହା ମଧ୍ୟ ହେଉ ନାହିଁ। ଫଳରେ ଜିଲାରେ ସାର କଳାବଜାର ବଢ଼ି ଚାଲିଛି। ଏପରି କି ଲାଇସେନ୍ସପ୍ରାପ୍ତ ରିଟେଲର୍, ହୋଲସେଲର୍ ଦୋକାନ ସମ୍ମୁଖରେ ଷ୍ଟକ୍ ଏବଂ ରେଟ୍‌ଚାର୍ଟ ମଧ୍ୟ ଝୁଲାଉ ନ ଥିବାବେଳେ କୃଷିବିଭାଗ ସେଥିପ୍ରତି ଆଖି ବୁଜି ଦେଇଛି ବୋଲି ମହାପାତ୍ର କହିଛନ୍ତି। ଏ ସମ୍ପର୍କରେ ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରସନ୍ନ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଥିଲେ, ସେଭଳି ଅଭିଯୋଗ ମିଳିଛି ଏବଂ ସେଥିପ୍ରତି ନଜର ରଖିବାକୁ ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇଥିବା କହିଥିଲେ। ଏହି ଟିମ୍ ଚଢ଼ାଉ କରିବ ଏବଂ କିଛି ଅନିୟମିତତା ଧରାପଡ଼ିଲେ ସେମାନଙ୍କ ଲାଇସେନ୍ସ ରଦ୍ଦ ହେବା ସହିତ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମିଶ୍ର କହିଛନ୍ତି।



ବରଗଡ଼ ବ୍ଲକ କଲାପାଣି ଅଞ୍ଚଳରେ ଜଣେ ଚାଷୀ ଜମିରେ ସାର ପ୍ରୟୋଗ କରୁଛନ୍ତି।

### ବୁଗବୁଗା କ୍ଲଷ୍ଟରସ୍ତରୀୟ ନିପୁଣ ମେଳା

**ସରଣ୍ଡା, ୨୮।୧(ଯୁଧିଷ୍ଠିର ମହାପାତ୍ର)**

ଅତାବିରା ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଗବୁଗାଠାରେ ବୁଗବୁଗା କ୍ଲଷ୍ଟର ସ୍ତରୀୟ ନିପୁଣ ମେଳା ଅନୁଷ୍ଠିତ ହୋଇଯାଇଛି। ସିଆରସିସି ନନ୍ଦିଘୋଷ ଭୁଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳାରେ ମୁଖ୍ୟଅତିଥି ରୂପେ ବୁଗବୁଗା ଗ୍ରାମ ସରପଞ୍ଚ ଶେଷଦେବ ଛନ୍ଦ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ବେହେରା, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜମଟିକ୍ରାର ପ୍ରଧାନ ଶିକ୍ଷକ ସନ୍ତୋଷ ଭୁଏ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମ,ଦିତୀୟ ଓ ତୃତୀୟ ଶ୍ରେଣୀର ଛାତ୍ରୀଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଭିଭାବକ ଅଭିଭାବିକା ଯୋଗଦାନ କରିଥିଲେ। ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟା ଜ୍ଞାନ ଦାୟିତ୍ୱରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଅଭିନବ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କୁ ଖେଳ, ଗୀତ ଓ ଧନ୍ଦା ମାଧ୍ୟମରେ ଶିକ୍ଷାଦାନ ଦିଆଯାଇଥିଲା। ଅଭିଭାବିକାମାନଙ୍କ ସହ ନିପୁଣ ଓଡ଼ିଆ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ମୁକେଶ ଭୋଷାଗର। ବିଦ୍ୟାଳୟର ଚେୟାରମେନ ପ୍ରଦୀପ କୁମାର ଛନ୍ଦ, ଶିକ୍ଷକ ଜଗମୋହନ ଭୁଏ, ତରଣୀ ସେନ ପଧାନ,ବିଭୂତି ଭୂଷଣ ମହାକୁର,ସଞ୍ଜୟ ମେହେର ଏବଂ ଶିକ୍ଷୟିତ୍ରୀ ମଥୁରା ପଧାନ, ଆଶା ବାରିକ, ହେମାଗ୍ନି ଅଦାବର, ତେଜସୀନି ପ୍ରଧାନ ସହଯୋଗ କରିଥିଲେ।

## ଛାତ୍ରୀଛାତ୍ରଙ୍କ କ୍ୟାରିୟର କାଉନ୍‌ସେଲିଂ



ମୋ ବୃତ୍ତି କାର୍ଯ୍ୟଫର୍ଦ୍ଦ ପୁସ୍ତକ ଧରି ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

**ବରଗଡ଼,୨୮।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାସ୍ଥିତ ଜନତା ସରକାରୀ ହାଇସ୍କୁଲରେ ମଙ୍ଗଳବାର କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାଧୀନଭାବେ କ୍ୟାରିୟର ଚୟନ କରିବା ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ସୁଯୋଗ ସୃଷ୍ଟି କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ନୂଆଦିଲ୍ଲୀ ଦ୍ୱାରା ସ୍ୱତନ୍ତ୍ରଭାବେ ପ୍ରଶିକ୍ଷିତ ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ଯୋଗଦାନ କରିଥିଲେ। ବିଜ୍ଞାନ ବିଷୟ ପ୍ରତି ଅଧ୍ୟୟନ କରି ଶିକ୍ଷାର୍ଥୀମାନେ କୃଷି, ପରିବେଶ, ଜୈବ ପ୍ରଯୁକ୍ତି ବିଦ୍ୟା, ଭେଷଜ ବିଜ୍ଞାନ, ମହାକାଶ ବିଜ୍ଞାନ ଆଦି କ୍ଷେତ୍ରରେ ଭବିଷ୍ୟତରେ କିଭଳି କ୍ୟାରିୟର ଗଠନ କରି ପାରିବେ, ସେ ନେଇ ଖମାରୀ ସୂଚନା ପ୍ରଦାନ କରିଥିଲେ। ବ୍ୟକ୍ତିତ୍ୱ ପରିପ୍ରକାଶ, ମୋ ବୃତ୍ତି କାର୍ଯ୍ୟଫର୍ଦ୍ଦ ଆଦି ପୁସ୍ତକ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରି ସେ ବିଷୟରେ ଆଲୋଚନା କରାଯାଇଥିଲା। ଶିକ୍ଷକ ତେଜରାମ ସା, ବୋଧରାମ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ତରଭା ଜେଏମ୍‌ଏଫ୍‌ସି କୋର୍ଟରେ ଆଇନ ସଚେତନତା ଶିବିର

**ତରଭା, ୨୮।୧(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା କୋର୍ଟରେ ଜେଏମ୍‌ଏଫ୍‌ସି ଗିରିଜା ଶଙ୍କର ବାଘଙ୍କର ତତ୍ତ୍ୱାବଧାନରେ ଏକ ଆଇନ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋନପୁର ଜିଲାର ଡ଼ିଏଲ ଏସଏ ଅଧକ୍ଷା କୁମୁଦିନୀ ମୁଦୁଲି, ଆଇଟି ଅଧକ୍ଷ ଆଶିଷ କୁମାର ଅଗ୍ରୱାଲା ପ୍ରମୁଖ ଉପସ୍ଥିତ ଥିଲେ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଜରିଆରେ କେମିତି କୋର୍ଟର ବିଚାର ଗୁଡିକ ଇଂଲିଶ ଭାଷାରୁ ଅନ୍ୟ ୨୨ଟି ଭାଷାକୁ ସୁଭାଷ ଆପ୍ଲିକେସନ ଜରିଆରେ ଅନୁବାଦ ହେଇପାରିବ ତାହା ଅବଗତ କରାଇଥିଲେ। ସାଇବର କ୍ରାଇମ ଉପରେ ମଧ୍ୟ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମଚାରୀ, ତରଭା ଓକିଲ ସଂଘ, ତରଭା କୋର୍ଟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜଙ୍ଗଲ, ବନ୍ୟପ୍ରାଣୀ ବଞ୍ଚିଲେ ଆମେ ବଞ୍ଚିବା

**ପାଇକମାଳ, ୨୮।୧(ବଡ଼ ଶତପଥୀ)**

ବରଗଡ଼ ଜିଲା ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତ ଡୁଡୁକିଝରିଆ ଗାଁରେ ଓଡ଼ିଶା ସରକାର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ନୃସିଂହନାଥ ବନାଞ୍ଚଳ ବରଗଡ଼ ଉପଖଣ୍ଡ ଜାମସେଠ ସେକ୍ସନ ପକ୍ଷରୁ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ପାଇଁ ମଙ୍ଗଳବାର ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ବନରକ୍ଷୀ ସୀମା ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ଜଙ୍ଗଲ ଓ ବନ୍ୟପ୍ରାଣୀ ଆମ ମଣିଷ ସମାଜ ହିତକର। ଜଙ୍ଗଲ ଓ ବନ୍ୟପ୍ରାଣୀ ବଞ୍ଚିଲେ ଆମେ ବଞ୍ଚିବା। ଏଥିପାଇଁ ଜଙ୍ଗଲକୁ ନିଆଁରୁ ରକ୍ଷା କରିବା ସହ ବନ୍ୟଜନ୍ତୁଙ୍କୁ କିପରି ସୁରକ୍ଷା ଦେବା ସଭାରେ ସଚେତନତା କରାଯାଇଥିଲା। ଜାମସେଠ ସେକ୍ସନରୁ ବନରକ୍ଷୀ ଦୀପକ କୁମାର ନାଏକ, ଜଗମୋହନ ସାହୁ, ପ୍ରମୋଦ ବରିହା ସମେତ ଡୁଡୁକଝରିଆର ଗ୍ରାମବାସୀ ସଭାରେ ଉପସ୍ଥିତ ଥିଲେ।

## ବିମଳ କୃଷକ ଉତ୍ପାଦକ କମ୍ପାନୀର ଷଷ୍ଠ ବାର୍ଷିକ ବୈଠକ




ବରଗଡ଼ ଏମ୍‌ପି ପ୍ରଦୀପ କୁମାର ପୁରୋହିତ ଉଦ୍‌ବୋଧନ ଦେଉଛନ୍ତି।

**ପଦ୍ମପୁର ୨୮।୧ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ଉପଖଣ୍ଡ କନସିଂହା ପଞ୍ଚାୟତ ସାରସମାଲରେ ତ୍ରିରଙ୍ଗା ଯୁବକ ସଂଘ ଦ୍ୱାରା ଗଠିତ ଓ ନାବାର୍ଡ ସହାୟତାରେ ଚାଲିଥିବା ବିମଳ କୃଷକ ଉତ୍ପାଦକ କମ୍ପାନୀର ଷଷ୍ଠ ତମ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନବ ନିର୍ମିତ ଗୋଦାମ ଗୃହକୁ ଏମ୍‌ପି ପ୍ରଦୀପ ପୁରୋହିତ ଲୋକାର୍ପିତ କରିଥିଲେ। ସମ୍ମାନିତ ଅତିଥି ଭାବେ ମୁଖ୍ୟ ଜିଲା ଅଧିକାରୀ ପ୍ରସନ୍ନ ମିଶ୍ର, କୃଷି ଜିଲା ଅଧିକାରୀ ପ୍ରଭାସ ପଣ୍ଡା, ତ୍ରିରଙ୍ଗା ଯୁବକ ସଂଘର ମୁଖ୍ୟ ସମ୍ପାଦକ କୈଳାସ ସାହୁ ଏବଂ ସଭାପତି ହୃଦାନନ୍ଦ ନାୟକ, ଭିତ୍ତିଭୂମି ସେବା ସଙ୍ଗଠନର ପ୍ରୋଗ୍ରାମ କୋଡ଼ିନେଟର ସରୋଜ ମହାନ୍ତି, ଉଦ୍ୟାନ ବିଭାଗର ଅଧିକାରୀ ଏବଂ ବିମଳର ନିର୍ଦ୍ଦେଶକ ମଣ୍ଡଳୀ ଆଦି ଯୋଗଦାନ କରିଥିଲେ। ବୈଠକରେ ଅଶୋକ ସାହୁ ପରିଚାଳନା ନିର୍ଦ୍ଦେଶକ, (ବିମଳ) ମଞ୍ଚ ପରିଚାଳନା କରିଥିଲେ ଏବଂ ତରଣୀସେନ ଦ୍ୱାରି ସିଇଓ ବାର୍ଷିକ ବିବରଣୀ ପାଠ କରିଥିଲେ । ଏଥିରେ ୫୦୦ ରୁ ଉର୍ଦ୍ଧ ଚାଷୀ ଏବଂ ତ୍ରିରଙ୍ଗା ଯୁବକ ସଂଘର ସମସ୍ତ କର୍ମ କର୍ତ୍ତା ଉପସ୍ଥିତ ଥିଲେ।

## ମନମୋହିଲା ଦେଶାତ୍ମବୋଧକ ସଙ୍ଗୀତ, ବ୍ୟଙ୍ଗ କବିତା

**ସରଣ୍ଡା,୨୮।୧(ଯୁଧିଷ୍ଠିର ମହାପାତ୍ର)**

### ଅବସରପ୍ରାପ୍ତ ସୈନିକ ସଂଘର ସାଧାରଣତନ୍ତ୍ର ଦିବସ

ଅତାବିରା ବ୍ଲକ କୋଶଲ ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ ଲାଦରପାଲି ରାମଚଣ୍ଡୀ ମନ୍ଦିର କଲ୍ୟାଣ ମଣ୍ଡପଠାରେ ଗତ ରବିବାର ରାତ୍ରିରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଏବଂ ସଂଘର ସଭାପତି ଅରୁଣ ବାରିକ, ସମ୍ପାଦକ ଲଳିତ କୁମାର ସାହୁ, କୋଷାଧକ୍ଷ ସପ୍ତସିନ୍ଧୁ ପଧାନ, କାଶୀଶ୍ୱର ବେହେରା, କ୍ଷୀରଶ୍ୱର ପଧାନ, ରମେଶ ମେହେର, ସିଭିଲ ପ୍ରଧାନ, ଅର୍ଜୁନ ବାରିକ, କେ. ଜି ରେଡ୍ଡୀ, ଅବସରପ୍ରାପ୍ତ ମେଜର କୈଳାଶ ଚନ୍ଦ୍ର ଚାନ୍ଦଙ୍କ ଦ୍ୱାରା ଭାରତମାତାଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ବ୍ୟଙ୍ଗ କବିମନୋରଞ୍ଜନ ଲୁହା ଏବଂ ବିଭିନ୍ନ ଅଞ୍ଚଳରୁ ଆସିଥିବା ସାଂସ୍କୃତିକ ଦଳ ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ ପ୍ରଦର୍ଶନ କରିଥିଲେ। ଓଡ଼ିଶା ରାଜ୍ୟ କୃଷକ ସଂଗଠନର ସଭାପତି ବୀରେନ୍ଦ୍ର କର, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଅଧକ୍ଷ ଟିକେଲାଲ ଚାନ୍ଦ, ସରଣ୍ଡା ପଞ୍ଚାୟତ ହାଇସ୍କୁଲର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମେହେର, ହୋଲି ହାର୍ଟ୍ସ ପବ୍ଲିକ ସ୍କୁଲର ଅଧକ୍ଷ ରବୀନ୍ଦ୍ର ପୂଜାରୀ ଖବରଦାତା ଯୁଧିଷ୍ଠିର ମହାପାତ୍ର ଏବଂ ବିଭିନ୍ନ ଅନୁଷ୍ଠାନର ମୁଖ୍ୟ ଏବଂ ନୃତ୍ୟକଳା ସାଂସ୍କୃତିକ ଦଳକୁ ଉପଢୌକାନ ଦେଇ ସମ୍ମାନିତ କରାଯାଇଥିଲା। ସଭା ପରିଚାଳନା ସହ ଦେଶାତ୍ମକ ବୋଧକ ଉପରେ ଆଧାରିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ଅରବିନ୍ଦ ସ୍କୁଲର ଶିକ୍ଷକ ନିରଞ୍ଜନ ପାଣାୟତ ସଂଯୋଜନା କରିଥିଲେ।




ଅତିଥିଙ୍କ ଗହଣରେ କୋଶଳ ଅବସରପ୍ରାପ୍ତ ସୈନିକ ସଂଘର କର୍ମକର୍ତ୍ତା।

## ଅଶ୍ଳୀଳ, ଦ୍ୱିଅର୍ଥବୋଧକ ସଙ୍କୀର୍ତ୍ତନ ପରିବେଷଣକୁ ବିରୋଧ

**ସୋହେଲା,୨୮।୧(ଅଶ୍ୱିନୀ କୁମାର ପାତ୍ର)**

### ସଙ୍କୀର୍ତ୍ତନ ସଂସ୍କୃତି ଜାଗରଣ ମହୋତ୍ସବ

ସୋହେଲା ବ୍ଲକ ତାମ୍ବୀମୁଣ୍ଡାରେ ବରଗଡ଼ ଜିଲା ସଙ୍କୀର୍ତ୍ତନ ପରିଷଦ ଓ ନୀଳମାଧବ ସଙ୍କୀର୍ତ୍ତନ ମଣ୍ଡଳୀ ତାମ୍ବିମୁଣ୍ଡାର ମିଳିତ ଆନୁକୂଲ୍ୟରେ ସଙ୍କୀର୍ତ୍ତନ ସଂସ୍କୃତି ଜାଗରଣ ମହୋତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଂଯୋଜକ ଗୋରାଚାନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମହୋତ୍ସବରେ ଗାୟକ ମୀନ କେତନ ମେହେର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସମ୍ପାଦକ ଗୋପବନ୍ଧୁ ପୁରୋହିତ ଯୋଗଦେଇ ଭାବ ଭକ୍ତି ର ସମ୍ମିଶ୍ରଣ ସଙ୍କୀର୍ତ୍ତନ ବୋଲି ମତ ପ୍ରକାଶ କରିଥିଲେ। ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ ,ସମ୍ପାଦକ ପଣ୍ଡିତ ଜୟ ଦେବ ପଣ୍ଡା, ଉପଦେଷ୍ଟା ଲଳିତ ମୋହନ ପଣ୍ଡା,ବାଙ୍କା ବିହାରି ସାହୁ ବିଜେପୁର ବ୍ଲକ ସଂଯୋଜକ ପ୍ରଦୀପ ମାହାଣା, ଦିନମଣି ଭୋଇ ପ୍ରମୁଖ ଯୋଗ ଦେଇ ସଂପ୍ରତି ବିଭିନ୍ନ ସ୍ଥାନରେ ଅଶ୍ଳୀଳ ଓ ଦୁଇ ଅର୍ଥ ବୋଧକ ସଙ୍କୀର୍ତ୍ତନ ପରିବେଷଣକୁ ବିରୋଧ କରିଥିଲେ। ଏହି ଅବସରରେ ବାଲ ମୁକୁନ୍ଦ ମେହେର ଯୁଗେଶ୍ୱର୍ ସାହୁ, ମୁକ୍ତି ଜାଲ, ଦିବ୍ୟ ମେହେର, ଅନନ୍ତ ଚିର୍ଗୁଣ, ଅମୃତ ବିଶି, ଖିରୋଦ୍ର ବାରିକ, ନରେନ୍ଦ୍ର ସାହୁ, ଦିବ୍ୟ ବାରିକ, ଭୋଜ ରାଜ ସାହୁ, ମୀନ କେତନ ବାରିକ, ତେଜ ରାଜ ବାଙ୍କ ପ୍ରମୁଖ ଗାୟକ, ବାୟକଙ୍କୁ ପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।




## ଉଦ୍‌ଘାଟନୀ ମ୍ୟାଚରେ କ୍ରୀଷ୍ଣା ବିକାଶ ସ୍କୁଲ ବିଜୟୀ

### ଆନ୍ତଃସ୍କୁଲ କ୍ରିକେଟ ପ୍ରତିଯୋଗିତା

**ବରଗଡ଼,୨୮।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ସ୍ଥାନୀୟ କ୍ରୀଷ୍ଣା ବିକାଶ ସ୍କୁଲ ଗ୍ରାଉଣ୍ଡରେ ମଙ୍ଗଳବାର ଆନ୍ତଃସ୍କୁଲ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଜିଲା କ୍ରିକେଟ ଆସୋସିଏଶନର ସାଧାରଣ ସମ୍ପାଦକ ରବି ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କ୍ରୀଷ୍ଣା ବିକାଶ ଗ୍ରୁପର ନିର୍ଦ୍ଦେଶକ ଡଃ ସମରେନ୍ଦ୍ରନାଥ ପଣ୍ଡା, ଜିଲା କ୍ରିକେଟ ଆସୋସିଏଶନର ବରିଷ୍ଠ ସଦସ୍ୟ ପ୍ରଦୀପ ନନ୍ଦ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଜିଲା କ୍ରିକେଟ ଆସୋସିଏଶନର ରଜତ ଦାଶ, କ୍ରୀଷ୍ଣା ବିକାଶ ସ୍କୁଲର କ୍ରୀଡ଼ା ଅଧିକାରୀ ପିତାମ୍ବର ପ୍ରଧାନ, କ୍ରିକେଟ କୋଚ୍ ଅଶୋକ ସିଂ, ରୂପକ ପ୍ରଧାନ ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ।

ବରଗଡ଼ ରେଡ୍ କମ୍ବାଇନ୍ ଦଳ ଏବଂ କ୍ରୀଷ୍ଣା ବିକାଶ ସ୍କୁଲ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ହୋଇଥିଲା। ବରଗଡ଼ ରେଡ୍ କମ୍ବାଇନ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ କ୍ରୀଷ୍ଣା ବିକାଶ ସ୍କୁଲ ଦଳର ଶାଣିତ ବୋଲିଂ ଆଗରେ ଦଳର ସବୁ ବ୍ୟାଟ୍ସମ୍ୟାନ ଫେଲ୍ ମାରିଥିଲେ ଏବଂ କେହି ୨ଅଙ୍କ ରନକୁ ଛୁଇଁ ପାରି ନଥିଲେ। ଉକ୍ତ ଦଳ ନିର୍ଦ୍ଧାରୀତ ୧୫ଓଭରରେ ମାତ୍ର ୪୯ରନ୍ କରିଥିଲା। ଦଳ ପକ୍ଷରୁ ଆଜାଦ ବାରିକ ଏବଂ ଅକ୍ଷାଂଶ ପାଣିଗ୍ରାହୀ ସର୍ବାଧିକ ୮ରନ୍ ଲେଖାଏ ସଂଗ୍ରହ କରିଥିଲେ। ପ୍ରତିପକ୍ଷ କ୍ରୀଷ୍ଣା ବିକାଶ ଦଳର ଅଭିଷେକ ସାହୁ ୮ରନ୍ ବିନିମୟରେ ୩, ଦେବାଂଶ ପତି ୨୬ରନ୍ ବିନିମୟରେ ୨, ଗୌରବ ମେହେର ୮ରନ ବିନିମୟରେ ୨, ସିଆସିସ୍ ମିଶ୍ର ୧୧ରନ୍ ବିନିମୟରେ ଗୋଟିଏ ଉଇକେଟ୍ ନେଇଥିଲେ। କ୍ରୀଷ୍ଣା ବିକାଶ ଦଳ ମାତ୍ର ୩.୩ ଓଭରରେ ୫୩ରନ ସଂଗ୍ରହ କରି ମ୍ୟାଚକୁ ୧୦ଉଇକେଟ୍‌ରେ ଜିତି ନେଇଥିଲା। ଦଳ ପକ୍ଷରୁ ସ୍ୱରିତ ଦାଶ ଅପରାଜିତ ୨୭ ଏବଂ ଅଭିଷେକ କୁମାର ସାହୁ ଅପରାଜିତ ୨୧ରନ ସଂଗ୍ରହ କରିଥିଲେ। ଭରତ ଚେତନ ପଣ୍ଡା ଏବଂ ହନୁ ଅଗ୍ରୱାଲ ମ୍ୟାଚ ପରିଚାଳନା କରିଥିଲେ। ରଜତ ଦାଶ ସ୍କୋରର ଥିଲେ। ବୁଧବାର ବରଗଡ଼ର ଗ୍ରୀଡ଼ କମ୍ବାଇନ ଏବଂ ବରପାଲିର ଲିଟିଲ ଏଞ୍ଜେଲ ସ୍କୁଲ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।




ଅତିଥି, ଆୟୋଜକଙ୍କ ଗହଣରେ ଖେଳାଳିବୃନ୍ଦ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

**ରାଉରକେଲା, ୨୮।୧(ସଙ୍ଗୀତା ଜେନା):** ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରେ ସୋମବାର ରାତି ପ୍ରାୟ ୯ଟାରେ ଏକ ଟ୍ରକ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମହାଦେବ ଖାଲଖୋ(୪୭) ଏବଂ ସେ ରାଣ୍ଟୋର ଗୁଙ୍ଗୁରୁଟୋଲାରେ ରୁହନ୍ତି। ମହାଦେବ ନିଜ ଘରକୁ ସାଇକେଲରେ ଯାଉଥିବା ବେଳେ ବିରକେରା ରେଲାପୋଷଠାରେ ଟ୍ରକ୍ (ନଂ.ଓଆର୧୪ପି/୩୯୪୫) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ସେଠାରେ ପହଞ୍ଚି ଟ୍ରକ୍‌କୁ ଜବତ କରିଥିଲା। ଏଥିସହ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

### ଜଳିଗଲା ମୋବାଇଲ ଟାୱାର



**ରାଉରକେଲା, ୨୮।୧(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ସେକ୍ଟର-୮ରେ ଥିବା ଏକ ମୋବାଇଲ ଟାୱାର ମଙ୍ଗଳବାର ସକାଳ ପ୍ରାୟ ୯ଟାରେ ହଠାତ୍ ହୁ ହୁ ହୋଇ ଜଳି ଉଠିଥିଲା। ଆଖପାଖ ଅଞ୍ଚଳର ଲୋକେ ଏହା ଦେଖି ଭୟଭୀତ ହୋଇପଡିଥିଲେ। ସୂଚନା ପାଇ ରାଉରକେଲା ଅଗ୍ନିଶମ ବିଭାଗର ୨ଟି ୟୁନିଟ ଏବଂ ଆର୍‌ଏସ୍‌ପି ଅଗ୍ନିଶମ ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ବିଦ୍ୟୁତ ସର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଇଥିବାବେଳେ କୌଣସି ଧନଜୀବନ ହାନି ଘଟି ନ ଥିବା ଜଣାପଡିଛି। ତେବେ ରାଉରକେଲା ଅଗ୍ନିଶମ ବିଭାଗ ସହ ଆରଏସ୍‌ପି ଅଗ୍ନିଶମ ଦଳ ମୋବାଇଲ ଟାୱାର ନିଆଁକୁ ଆୟତ୍ତ କରିଥିବା ଫାୟାର ଷ୍ଟେଶନ ମୁଖ୍ୟ ଆଗ୍ନିକ କ୍ଷେତ୍ରବାସୀ ପ୍ରଧାନ ପ୍ରକାଶ କରିଛନ୍ତି।

### ବରିଷ୍ଠ ଆଇନଜୀବୀଙ୍କ ବିୟୋଗରେ ଶୋକ



**ରାଉରକେଲା, ୨୮।୧(ଦିନେଶ ମିଶ୍ର):** ରାଉରକେଲା ଓକିଲ ସଂଘର ବରିଷ୍ଠ ସଦସ୍ୟ ତଥା ସହରର ଜଣାଶୁଣା ଆଇନଜୀବୀ ବୃନ୍ଦାବନ ଚନ୍ଦ୍ର ରଥଙ୍କ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ପରଲୋକ ହୋଇଛି। ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା। ବେଦବ୍ୟାସ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ରାଉରକେଲା ଓକିଲ ସଂଘ ପକ୍ଷରୁ ଏକ ଶୋକସଭା ଉଦିତନଗର ସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ରଥ ମେଳାପି, ମିଷ୍ଟଭାଷୀ ଓ ବନ୍ଧୁବତ୍ସଳ ଥିଲେ। ତାଙ୍କ ବିୟୋଗ ରାଉରକେଲା ଓକିଲ ସଂଘ ପାଇଁ ଅପୂରଣୀୟ କ୍ଷତି ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ ପାଇଥିଲା। ସଭାରେ ସଭାପତି ସଦାନନ୍ଦ ସାହୁ ସଭାପତିତ୍ୱ କରିଥିବାବେଳେ ଉପ ସଭାପତି ରାଜକିଶୋର ପ୍ରଧାନ, ସମ୍ପାଦକ ଦେବାନନ୍ଦ ତନ୍ତୀ, କୋଷାଧ୍ୟକ୍ଷ ଉପେନ୍ଦ୍ର ଶତପଥୀ, ସୁମିତା ନନ୍ଦ, ଚତୁର୍ଭୁଜ ନାଏକ, ବିସ୍ମୟ ଦାସ, ବିଜୟ କୁମାର ପଟ୍ଟନାୟକ, ଅଶୋକ ପ୍ରଧାନ, ମହମ୍ମଦ ରଫିକ୍, ଭୀମ ପତି, ଯାଇ ନବୀ, ଦଣ୍ଡପାଣି ଚୌଧୁରୀ, ସୁରେଶ ମାଝୀ, ବସନ୍ତ ପାତ୍ର, ଆର. କେ. ମିଶ୍ର, ସମୀର କର, ଲାଲ ବାହାଦୁର ଶତପଥୀ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

# କମ୍ପ୍ୟୁଟର ଶିକ୍ଷାରୁ ବଞ୍ଚିତ ୫, ୩୨୦ ଛାତ୍ରୀଛାତ୍ର

**ରାଉରକେଲା, ୨୮।୧(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଓ ବିଶ୍ରା ଶିକ୍ଷାଞ୍ଚଳରେ ଥିବା ୫୪ ହାଇସ୍କୁଲରେ କମ୍ପ୍ୟୁଟର ପ୍ରଶିକ୍ଷକ ନାହାନ୍ତି। ଫଳରେ ଏହି ହାଇସ୍କୁଲଗୁଡିକରେ ଛାତ୍ରୀଛାତ୍ର କମ୍ପ୍ୟୁଟର ଶିକ୍ଷାରୁ ବଞ୍ଚିତ ହେଉଛନ୍ତି।

ସୂଚନା ଅନୁସାରେ, ୨୦୨୨-୨୩ ଆର୍ଥିକ ବର୍ଷରେ ରାଉରକେଲା ଏବଂ ବିଶ୍ରା ଶିକ୍ଷାଞ୍ଚଳରେ ଥିବା ଉକ୍ତ ୫୪ଟି ହାଇସ୍କୁଲକୁ ସ୍ମାର୍ଟସ୍କୁଲ ଭାବେ ରୂପାନ୍ତର କରାଯାଇଥିଲା। ଏଥିପାଇଁ କୋଟି କୋଟି ଟଙ୍କା ବ୍ୟୟବରାଦ ହେଲା। ସରକାରୀ ହାଇସ୍କୁଲରେ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ନେଇ କମ୍ପ୍ୟୁଟର ଲାବୋରେଟୋରୀ କରାଗଲା। ମାତ୍ର ପରିତାପର ବିଷୟ କମ୍ପ୍ୟୁଟର ପ୍ରଶିକ୍ଷଣ ଦେବା ପାଇଁ ଶିକ୍ଷକ ନିଯୁକ୍ତି କରାଗଲାନାହିଁ। ଫଳରେ ଦୀର୍ଘ ୨ବର୍ଷ ହେଲା ୫୪ଟି ହାଇସ୍କୁଲର ୯ମ ଓ ୧୦ମ ଶ୍ରେଣୀର ମୋଟ ୫ହଜାର ୩୨୦ ଛାତ୍ରୀଛାତ୍ରଙ୍କ କମ୍ପ୍ୟୁଟର ଶିକ୍ଷାଲାଭ ପ୍ରହସନ ପାଲଟିଛି। ଅନ୍ୟପଟେ କମ୍ପ୍ୟୁଟର ବ୍ୟବହାର ନ ହେବାରୁ ନଷ୍ଟ ହେଉଛି। ଏ ନେଇ ରାଉରକେଲା ବିଦ୍ୟୁତ୍ କଲୋନୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସିଂହ କୁହନ୍ତି, ୨୦୨୨-୨୩ ଆର୍ଥିକ ବର୍ଷରେ ଆମ ସ୍କୁଲ ସ୍ମାର୍ଟସ୍କୁଲ ହେଲା। କମ୍ପ୍ୟୁଟର ଲ୍ୟାବ୍‌ରେ ୧୨ଟି କମ୍ପ୍ୟୁଟର ଉପଲବ୍ଧ ରହିଛି। ମାତ୍ର ପ୍ରଶିକ୍ଷକଙ୍କ ଅଭାବ ଯୋଗୁ ଉକ୍ତ କମ୍ପ୍ୟୁଟର କାମକୁ ଆସୁନାହିଁ ବୋଲି ସେ କହିଥିଲେ। ଏ ନେଇ ରାଉରକେଲା ଏବଂ ବିଶ୍ରା ଶିକ୍ଷା ବିଭାଗୀୟ ଆଇସିଟି ଲ୍ୟାବ୍ ଦାୟିତ୍ୱରେ ଥିବା ଅଧିକାରୀ ମନୋଜ କୁମାର ଆଚାର୍ଯ୍ୟ କୁହନ୍ତି, ୨୦୨୨-୨୩ ଆର୍ଥିକ ବର୍ଷରେ ୫୪ଟି ହାଇସ୍କୁଲରେ ଆଇସିଟି ଲ୍ୟାବ୍ ବ୍ୟବସ୍ଥା କରାଯାଇଥିଲା। ମାତ୍ର ବର୍ତ୍ତମାନ ଉଭୟ ଶିକ୍ଷା ଅଞ୍ଚଳର ସ୍କୁଲଗୁଡିକରେ ଜଣେ ସୁଦ୍ଧା କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତ ହୋଇନାହାନ୍ତି। ଫଳରେ ବିଭାଗ ପକ୍ଷରୁ ହାଇସ୍କୁଲରେ ଅନ୍ୟାନ୍ୟ ପାଠ୍ୟ ବିଷୟରେ ଶିକ୍ଷା ପ୍ରଦାନ କରୁଥିବା ଶିକ୍ଷକମାନଙ୍କୁ କମ୍ପ୍ୟୁଟର ତାଲିମ ଦେଇ କମ୍ପ୍ୟୁଟର କ୍ଲାସ କରାଯାଉଛି। କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତ ହେଲେ ଭଲ ହୁଅନ୍ତା। ତେବେ ଏ ନେଇ ସରକାରଙ୍କ ପକ୍ଷରୁ କୌଣସି ବିଜ୍ଞପ୍ତି ଆମ ବିଭାଗକୁ ମିଳିନାହିଁ ବୋଲି ଆଚାର୍ଯ୍ୟ କହିଥିଲେ।

## ଚେଞ୍ଜ୍ ମେକର ତାଲିକାରେ ରାଉରକେଲା ଡିଏଫ୍ଓ



ରାଉରକେଲା ଡିଏଫ୍ଓଙ୍କୁ ରାଜ୍ୟପାଳ ସମ୍ମାନିତ କରୁଛନ୍ତି।

**ରାଉରକେଲା, ୨୮।୧(ସଙ୍ଗୀତା ଜେନା)**

୨୦୨୪ରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସାମାଜିକ ପ୍ରତିବଦ୍ଧତା ବଜାୟ ରଖିବା ପ୍ରୟାସ ପାଇଁ ରାଉରକେଲା ଡିଏଫ୍ଓ ଯଶୋବନ୍ତ ସେଠୀ ସମ୍ମାନିତ ହୋଇଛନ୍ତି। ଏଥିପାଇଁ ଗତ ଶନିବାର ସନ୍ଧ୍ୟା ୭ଟାରେ ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପତିଙ୍କଠାରୁ ଡିଏଫ୍ଓ ସେଠୀ ସମ୍ବର୍ଦ୍ଧନା ଗ୍ରହଣ କରିଛନ୍ତି। ରାଜ୍ୟରେ ଗତବର୍ଷ ପ୍ରାୟ ଶହେ ଜଣ ଚେଞ୍ଜ୍ ମେକରଙ୍କ ତାଲିକା ପ୍ରସ୍ତୁତ କରାଯାଇଥିଲା। ଉକ୍ତ ତାଲିକାରେ ରାଉରକେଲା ଡିଏଫ୍ଓ ସେଠୀ ସ୍ଥାନ ପାଇଥିଲେ। ଉଲ୍ଲେଖଯୋଗ୍ୟ, ୨୦୨୪ରେ ବନ୍ଧମୁଣ୍ଡା-ବରସୁଆଁ ରେଳବାଇ ଟ୍ରାକ୍‌ରେ ୨୮ ଟିକିଆ ହାତୀପଲ ବିଚରଣ କରୁଥିଲେ। ବନ ବିଭାଗ ପକ୍ଷରୁ ସେଠାରେ ଟାୱାରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସମ୍ପନ୍ନ କ୍ୟାମେରା ସ୍ଥାପନ କରାଯାଇଥିଲା। ଯାହାଦ୍ୱାରା ରେଳ ଧାରଣାରେ ହାତୀପଲ ଆସିବା ସୂଚନା ହସ୍ତଗତ ହେବା ପରେ ତୁରନ୍ତ ରେଳ କର୍ତ୍ତୃପକ୍ଷଙ୍କୁ ଏ ବାବଦରେ ସୂଚନା ପ୍ରଦାନ କରାଯାଇଥିଲା। ଯାହାଦ୍ୱାରା ହାତୀପଲ ଆସନ୍ନ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ। ପ୍ରକୃତି ସହ ସମନ୍ୱୟ ରକ୍ଷା କରିବା ଦିଗରେ ଏହା ଏକ ଉଦାହରଣ ପାଲଟିଥିଲା। ଡିଏଫ୍ଓଙ୍କ ବନ୍ୟପ୍ରାଣୀ ଓ ସେମାନଙ୍କ ସାମାଜିକ ପ୍ରତିବଦ୍ଧତାକୁ ଦୃଷ୍ଟିରେ ରଖି ତାଙ୍କୁ ଚେଞ୍ଜ ମେକର ତାଲିକାଭୁକ୍ତ କରାଯାଇଥିଲା।

## ମେକ୍ ଇନ୍ ଓଡ଼ିଶା କନକ୍ଲେଭରେ ଆରଏସ୍‌ପି ପାଭିଲିୟନ ଉଦ୍‌ଘାଟିତ

**ରାଉରକେଲା, ୨୮।୧(ବିପ୍ଳବ ରଞ୍ଜନ ଦାଶ)**



ସେଲ୍ ପାଭିଲିୟନକୁ ଉଦ୍‌ଘାଟନ କରାଯାଉଛି।

ସ୍ଥାୟିତ୍ୱ ପ୍ରତି ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇ ସେଲ୍ ଇସ୍ପାତ, ସବୁଜ ଇସ୍ପାତ ଶୀର୍ଷକ ଅତ୍ୟାଧୁନିକ ପାଭିଲିୟନ ମଙ୍ଗଳବାର ଭୁବନେଶ୍ୱରରେ ଆୟୋଜିତ ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୫ରେ ଉଦ୍‌ଘାଟିତ ହୋଇଛି। ଓଡିଶାର ପ୍ରମୁଖ ବିଶ୍ୱ ନିବେଶକ ସମ୍ମିଳନୀ ଭାବେ ପରିଚିତ ଏହି କାର୍ଯ୍ୟକ୍ରମ ୩୦ତାରିଖ ଯାଏ ଭୁବନେଶ୍ୱରରେ ହେବ। ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା କମ୍ପାନୀର ଦୃଶ୍ୟମାନ ଆକର୍ଷଣୀୟ ପାଭିଲିୟନକୁ ପ୍ରକଳ୍ପ ବିଭାଗର ଇଡି ସୁଦୀପ ପାଲ ଚୌଧୁରୀଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ଆରଏସ୍‌ପିର ଏହି ପାଭିଲିୟନ କମ୍ପାନୀର ଐତିହ୍ୟ, ନବସୃଜନ ଓ ଓଡିଶା ସହିତ ଏହାର ଗଭୀର ସମ୍ପର୍କକୁ ପ୍ରଦର୍ଶନ କରୁଛି। ଆର୍‌ଏସ୍‌ପିର ବିକାଶ ଏବଂ ଅଭିବୃଦ୍ଧିକୁ ପ୍ରଦର୍ଶନ କରି ଉକ୍ତ ପାଭିଲିୟନ ଏହି ବର୍ଷର କନକ୍ଲେଭ ଥିମ୍ ଅନୁରୂପ ଉନ୍ନତ ଡିଜିଟାଲ ପ୍ରଯୁକ୍ତିକୁ ଅନ୍ତର୍ଭୁକ୍ତ କରିଛି। ଏହା ଇଏସ୍‌ଜି ନୀତି ପ୍ରତି ଇସ୍ପାତ କାରଖାନାର ପ୍ରତିବଦ୍ଧତା ଓ ସ୍ଥାୟୀ ସବୁଜ ଇସ୍ପାତ ଉତ୍ପାଦନ ପାଇଁ ଏହାର ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଉଛି। ପାଭିଲିୟନର ଏକ ପ୍ରମୁଖ ଆକର୍ଷଣ ଏଆର୍ ଆଧାରିତ ଡିଜିଟାଲ ୱାକଥ୍ରୁ ଯାହା ପରିଦର୍ଶକମାନଙ୍କୁ ବିସ୍ତୃତ ଥ୍ରୀ-ଡି ଭିଜୁଆଲାଇଜେଶନ ମାଧ୍ୟମରେ ଆର୍‌ଏସ୍‌ପି କାର୍ଯ୍ୟର ଏକ ନିମଜ୍ଜିତ ୩୬୦-ଡିଗ୍ରୀ ସାମଗ୍ରିକ ଅଭିଜ୍ଞତା ପ୍ରଦାନ କରୁଛି। ପାଭିଲିୟନରେ ଆରଏସପିର ବିବିଧ ଉତ୍ପାଦ ସମୂହ ସୂକ୍ଷ୍ମ କାରୁକୃତିରେ ପ୍ରସ୍ତୁତ କ୍ଷୁଦ୍ର ମଡେଲ ମାଧ୍ୟମରେ ପ୍ରଦର୍ଶିତ ହେଉଛି। ପ୍ରତ୍ୟେକ ମଡେଲରେ କ୍ୟୁଆର୍ କୋଡ୍ ରହିଛି, ଯାହା ଦର୍ଶକମାନଙ୍କୁ ବ୍ୟାପକ ଉତ୍ପାଦ ସୂଚନା ଓ ପ୍ରୟୋଗ ବିଷୟରେ ଅବଗତ କରାଉଛି। ମେକ ଇନ୍ ଓଡିଶା କନକ୍ଲେଭ-୨୦୨୫ ଓଡିଶାର ଶିଳ୍ପ ସମ୍ଭାବନାକୁ ପ୍ରଦର୍ଶନ କରିବା ସହ ବିଶ୍ୱସ୍ତରୀୟ ସହଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରୁଛି। ଏହାର ପ୍ରଭାବଶାଳୀ ଉପସ୍ଥିତି ମାଧ୍ୟମରେ ଆରଏସ୍‌ପି ଓଡିଶା ଶିଳ୍ପ ପରିବେଶରେ ଶିଳ୍ପ ଅଭିବୃଦ୍ଧି ଏବଂ ନବସୃଜନକୁ ତ୍ୱରାନ୍ୱିତ କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସୂଚିତ କରୁଛି।

### ଟ୍ରେନ୍ ଧକ୍କାରେ ବୃଦ୍ଧ ମୃତ

**ରାଉରକେଲା, ୨୮।୧(ଦିନେଶ ମିଶ୍ର):** ପାନପୋଷ ରେଳ ଧାରଣାରେ ଟ୍ରେନ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବ୍ରିଜଲାଲ ସାହୁ(୭୫)। ରାଉରକେଲା ଜିଆରପି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ସୋମବାର ରାତିରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପାନପୋଷ ବସ୍ତିର ବ୍ରିଜଲାଲ ଗତ ୨୬ ତାରିଖ ସକାଳେ ପ୍ରାତଃ ଭ୍ରମଣରେ ଯାଇଥିଲେ। ଏହି ସମୟରେ ବୃଦ୍ଧ ଜଣଙ୍କ ପାନପୋଷ ରେଳ ଧାରଣା ଅତିକ୍ରମ କରୁଥିବାବେଳେ ଡାଉନ ଲାଇନ୍‌ରେ ଗୀତାଞ୍ଜଳି ଏକ୍ସପ୍ରେସ୍ ତାଙ୍କୁ ଧକ୍କା ଦେଇଥିଲା। ଜିଆର୍‌ପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଆରଜିଏଚ୍ ମର୍ଗ ହାଉସ୍‌ରେ ରଖିଥିଲା। ସୋମବାର ପରିଚୟ ମିଳିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଏ ନେଇ ଜିଆର୍‌ପି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୫) ରୁଜୁ କରିଛି।

### ଛାତ୍ରୀ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ରାଉରକେଲା, ୨୮।୧(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ବେଦବ୍ୟାସଠାରେ ଥିବା ଗୁରୁକୁଳ ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଲେଜର ୩୧ଜଣ ଛାତ୍ରୀଙ୍କୁ ନେଇ ଚାଲିଥିବା ଛାତ୍ରୀ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଶିକ୍ଷିକା ଜୟା କୁମାରୀ ସିଂ ଓ ତେଜସ୍ୱିନୀ ଷଡଙ୍ଗୀ ୮ଦିବସ ବ୍ୟାପୀ କଲେଜର ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ଜ୍ୟୋସ୍ନାରାଣୀ ଦାଶ ଓ ଶ୍ୟାମମାଳା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁକୁଳ ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଶିଶୁ ଅଧିବକ୍ତା ବବିତା ମହାପାତ୍ର ଯୋଗ ଦେଇଥିଲେ।

## ମା’ ତାରିଣୀ ମନ୍ଦିରର ବିଂଶତମ ପ୍ରତିଷ୍ଠା ଉତ୍ସବ

**ରାଉରକେଲା, ୨୮।୧(ବିପ୍ଳବ ରଞ୍ଜନ ଦାଶ)**

କୋଏଲନଗର ଏ ବି ଚୌକସ୍ଥିତ ମା’ ତାରିଣୀ ମନ୍ଦିରର ବିଂଶତମ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୋମବାର ସନ୍ଧ୍ୟା ୭ଟାରେ ଅଙ୍କୁରାରୋପଣ ହୋଇଥିଲା। ମଙ୍ଗଳବାର ସକାଳେ ତାରିଣୀ ମନ୍ଦିରରୁ କଳସ ଶୋଭାଯାତ୍ରା ବାହାରି କୋଏଲ ନଦୀ ବୈକୁଣ୍ଠ ଘାଟ ପର୍ଯ୍ୟନ୍ତ ଯାଇଥିଲା। ସେଠାରୁ ଶ୍ରଦ୍ଧାଳୁମାନେ ଜଳପୂର୍ଣ୍ଣ କଳସ ଆଣି ମନ୍ଦିରରେ ସ୍ଥାପନ କରିଥିଲେ। ଏହାପରେ ପୂଜା ଆରମ୍ଭ ହୋଇଥିଲା। ସେହିପରି ସନ୍ଧ୍ୟାରେ ଭଜନ ସନ୍ଧ୍ୟା ହୋଇଥିଲା। ପ୍ରତିଷ୍ଠା ଉତ୍ସବରେ ପଣ୍ଡିତ ଅକ୍ଷୟ କୁମାର ମିଶ୍ର, ବିଜୟ କୁମାର ପାଣି, ଅମୂଲ୍ୟ କୁମାର ପଣ୍ଡା, ସତ୍ୟବ୍ରତ ମିଶ୍ର ପୂଜାର୍ଚ୍ଚନା କରୁଛନ୍ତି। ପୂଜା କାର୍ଯ୍ୟକ୍ରମରେ ଶୁକଦେବ କୁଅଁର, ଧ୍ରୁବଚରଣ ସିଂ, ଆଦିତ୍ୟ କୁମାର ବାରିକ, ବିବେକାନନ୍ଦ ସାହୁ ଉପଦେଷ୍ଟା ରହିଛନ୍ତି। ସେବକ ଆର୍ତ୍ତ ଭଞ୍ଜନ ମଲ୍ଲିକ, ସଭାପତି ସୁମନ୍ତ ଜେନା, କାର୍ଯ୍ୟକାରୀ ସଭାପତି ଲିଙ୍ଗରାଜ ଦାସ, ଉପସଭାପତି ବିଜୟ ସିଂ, କମଳ କୁମାର ବାରିକ, ସତ୍ୟବ୍ରତ ଦାସ, ସାଧାରଣ ସମ୍ପାଦକ ମୁରଲୀଧର ମଥାନ, ସହ ସମ୍ପାଦକ ରାଜେଶ ମୁନୀ, ସୁବାଷ ପଣ୍ଡା, ଦୀପକ କୁମାର ଧଳ, କୋଷାଧ୍ୟକ୍ଷ ଅଶୋକ କୁମାର ରଥ, ନିଗମାନନ୍ଦ ଜେନା ପ୍ରମୁଖ ଯୋଗଦାନ କରିଥିଲେ।

## ଡିଏଭି ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡ଼ୋତ୍ସବ

**ରାଉରକେଲା, ୨୮।୧(ଦିନେଶ ମିଶ୍ର)**

ବାସନ୍ତୀ କଲୋନିସ୍ଥିତ ଡିଏଭି ପବ୍ଲିକ ସ୍କୁଲରେ ଦୁଇଦିନିଆ ୩୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ସନ୍ଧ୍ୟା ସାଢେ ୬ଟାରେ ଉଦ୍‌ଯାପିତ ହୋଇଯାଇଛି। ସ୍କୁଲ ଖେଳ ପଡିଆରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସୁନ୍ଦରଗଡ ଖେଳ ବିଭାଗର ଉପନିର୍ଦ୍ଦେଶକ ସୁଦୀପ୍ତ କୁମାର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, କ୍ରୀଡ଼ା ସର୍ବଦା ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଘଟାଇଥାଏ। ବର୍ତ୍ତମାନ କ୍ରୀଡ଼ା କ୍ଷେତ୍ରରେ ବିଭିନ୍ନ ସୁଯୋଗ ରହିଛି। ତେଣୁ ପ୍ରତ୍ୟେକ ଛାତ୍ରୀଛାତ୍ର ଖେଳୁଆଡ ମନୋଭାବ ନେଇ ଉତ୍ତମ ଖେଳ ପ୍ରଦର୍ଶନ କରିବାକୁ ନାଏକ ଆହ୍ୱାନ ଦେଇଥିଲେ। ସେକ୍ଟର-୧୬ ଡିଏଭି ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷା ଯଶବିନ୍ଦର କୌର, ଅରବିନ୍ଦ ପାତ୍ର, ଅଶୋକ କୁମାର ରାଉତ, ଏସ୍. କେ. ଯୋଶୀ, ମଞ୍ଜୁଶ୍ରୀ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଲୋକନାଥ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କ୍ରୀଡ଼ା ଉତ୍ସବରେ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ଦୌଡ, ଲଙ୍ଗଜମ୍ପ, ସଟ୍‌ପୁଟ୍ ଥ୍ରୋ ଆଦି ପ୍ରତିଯୋଗିତା କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ଆରଏସ୍‌ପିର ସିଜିଏମ୍ ହୀରାଲାଲ ମହାପାତ୍ର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏସ୍. କେ. ଯୋଶୀ, ରବିନାରାୟଣ ମିଶ୍ର, ଲଳିତା ପାତ୍ର, ଅଶୋକ ରାଉତ, ସିଆରାମ ସାହା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ରେଳ ଷ୍ଟେଶନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ରାଉରକେଲା, ୨୮।୧(ସଙ୍ଗୀତା ଜେନା):** ରାଉରକେଲାର ଜ୍ଞାନାଲୋକ ଓ ଦକ୍ଷିଣ ପୂର୍ବ ରେଳବାଇର ମିଳିତ ଆନୁକୂଲ୍ୟରେ ରାଉରକେଲା ରେଳ ଷ୍ଟେଶନ ପରିସରରେ ରବିବାର ପୂର୍ବାହ୍ନ ୧୧ଟାରେ ସ୍ୱଚ୍ଛତା ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଛି। ଏଥିରେ ରେଳବାଇ ଏଆର୍‌ଏମ୍ ସମିର ସୌରଭ ମୁଖ୍ୟଅତିଥି ଭାବେ ଯୋଗଦେଇ ଫୁଲଚାରା ରୋପଣ କରିଥିଲେ। ବିରେନ ସେନାପତି, ଶିକ୍ଷାବିତ୍ ପ୍ରମୋଦ ରାଉତ, ଅର୍ବାନ କୋପରେଟିଭ୍ ବ୍ୟାଙ୍କ ନିର୍ଦ୍ଦେଶକ ରବିନ୍ଦ୍ର ନାଇ ପଣ୍ଡା, ଜୟଦେବ ମହତୋ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଜ୍ଞାନରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଷ୍ଟେଶନ ମ୍ୟାନେଜର ପ୍ରଭାସ ଦାସ, ସିସିଆଇ ଅତୁଲ ଘୋଷ, ଭି. କେ. ସିଂହ, ଶେଖର ଦେଓ, ବାସୁଦେବ ମୁଖୀ ଏବଂ ଜ୍ଞାନାଲୋକ ସଭାପତି ଅଜିତ ଦାସ, ସମ୍ପାଦକ ଧ୍ୟାନେନ୍ଦ୍ର ଦାଶ, ପ୍ରଦୀପ ମହାନ୍ତି, ମନୋରଞ୍ଜନ କାଣ୍ଡୁଲିନା ପ୍ରମୁଖ ସହଯୋଗ କରିଥିଲେ।

# ଯୁବପିଢ଼ି ଦେଶର ମେରୁଦଣ୍ଡ

### ୱି ଫର୍ ୟୁ ୟୁଥ୍ କ୍ଲବର ବାର୍ଷିକୋତ୍ସବ ପାଳିତ

**ରାଉରକେଲା, ୨୮।୧(ଦିନେଶ ମିଶ୍ର)**



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିଗଣ।

ଛେଣ୍ଡସ୍ଥିତ ବିଏସ୍‌ଏନ୍‌ଏଲ୍ ଛକ ବିଜ୍ଞାନ ଉଦ୍ୟାନ ନିକଟରେ ୱି ଫର୍ ୟୁ ୟୁଥ୍ କ୍ଲବ୍‌ର ୩ୟ ବାର୍ଷିକୋତ୍ସବ ମଙ୍ଗଳବାର ପୂର୍ବାହ୍ନ ସାଢେ ୧୧ଟାରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସମାଜସେବୀ ଡ. ପୂଜା ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଯୁବପିଢି ହେଉଛନ୍ତି ଆମ ଦେଶର ମେରୁଦଣ୍ଡ। ତେଣୁ ଯୁବକ ଅବସ୍ଥାରେ ଅଯଥାରେ ସମୟ ନଷ୍ଟ ନ କରି ନିଜ ଭିତରେ ଥିବା ଦକ୍ଷତାକୁ ପରଖି କଠୋର ପରିଶ୍ରମ କରିବାକୁ ପତି ଆହ୍ୱାନ ଦେଇଥିଲେ। ଡାକ୍ତର ତରୁଣାଦିତ୍ୟ ମିଶ୍ର, ଚିତ୍ରତାରକା ପ୍ରଶାନ୍ତ କୁମାର ପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସଙ୍ଗୀତ ନିର୍ଦ୍ଦେଶକ ଶରତ ଚନ୍ଦ୍ର ଧଳ, ପ୍ରତାପ ଜେନା, ରାଶିରଞ୍ଜନ ବାରିକ, ସଭାପତି କୈଳାସ ବେହେରା, ଅଭୟ ସାହୁ, ଗିରିଜା ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ଥଲେ। ସଭା ଆରମ୍ଭରେ ମୁଖ୍ୟ ସଂଯୋଜକ ପ୍ରବୀର କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସମାଜସେବୀ ଅଂଶୁମାନ ରଣା, ଓ ଆଶାଦୀପ ସ୍ୱତନ୍ତ୍ର ସ୍କୁଲକୁ ସେବା ରତ୍ନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ନୃତ୍ୟ ଅନୁଷ୍ଠାନ ତ୍ରିବେଣୀ କଳା ସଙ୍ଗମର ପୁଷ୍ପା ମିଶ୍ର, ନମ୍ରତା ଡ୍ୟାନ୍ସ ଗ୍ରୁପ୍‌ର ନମ୍ରତା ସିଂ, ଦୀପମାଳା ଲାକ୍ରା, ଦୀପକ ଓ ପୁଷ୍ପାଞ୍ଜଳି ଜେନାଙ୍କୁ ନୃତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଝିଲିମା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ବିଶ୍ୱଜିତ ଘୋଷ, ମାନସ ରଞ୍ଜନ ପ୍ରଧାନ, ଆଶୁତୋଷ ବିଶ୍ୱାଳ, ରୁଦ୍ର ବିଶ୍ୱାଳ, ଦୀପ୍ତି ରଞ୍ଜନ ବାରିକ ସହଯୋଗ କରିଥିଲେ।

## ୧୦ ଆର୍‌ଏସ୍‌ପି ଅଧିକାରୀଙ୍କୁ ଜବାହର ପୁରସ୍କାର



ଆର୍‌ଏସ୍‌ପି ଅଧିକାରୀ ଜବାହାର ପୁରସ୍କାର ଲାଭ କରୁଛନ୍ତି।

**ରାଉରକେଲା, ୨୮।୧(ବିପ୍ଳବ ରଞ୍ଜନ ଦାଶ)**

ପ୍ରଶଂସନୀୟ କାର୍ଯ୍ୟ ସମ୍ପାଦନ ସହିତ ଉତ୍ପାଦନ, ଉତ୍ପାଦକତା ରକ୍ଷଣାବେକ୍ଷଣ, ସେବା, ଗୁଣବତ୍ତା, ଉତ୍ପାଦନ ବ୍ୟୟ ହ୍ରାସ ଏବଂ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଆର୍‌ଏସ୍‌ପିର ୧୦ଜଣ ଅଧିକାରୀଙ୍କୁ ସମ୍ମାନଜନକ ଜବାହାର ପୁରସ୍କାର ପ୍ରଦାନ କରାଯାଇଛି। ଚଳିତ ବର୍ଷର ଜବାହାର ପୁରସ୍କାର ବିଜେତାମାନେ ହେଲେ ବ୍ଲାଷ୍ଟ ଫର୍ନେସ ବିଭାଗ ଜିଏମ୍ ବ୍ରିଜ କୁମାର ଦେହାରିଆ, ବୋଲାଣି ଲୌହ ଖଣି ଜିଏମ୍ ଇନ୍‌ଚାର୍ଜ ବୁଦ୍ଧଦେବ ନାୟକ, କୋକ୍ ଓଭେନ ବିଭାଗର ଜିଏମ୍ ସୁଶୀଲ କୁମାର ସିଂହ, ଡିଆଇସି ସଚିବାଳୟର ଜିଏମ ଶ୍ରୀମନ୍ତ କୁମାର ମଲ୍ଲିକ, ଏଚ୍‌ଆର ,ଏଚ୍ ଏ ଏବଂ ଏୟାରପୋର୍ଟ ବିଭାଗର ଜିଏମ୍ ରାକେଶ କୁମାର ବର୍ମା, ଚିକିତ୍ସା ବିଭାଗର ଅତିରିକ୍ତ ସିଏମ୍ଓ ଡ. ମେଘରାୟ ମାଝୀ, ବିଦ୍ୟୁତ୍ ବିତରଣ ବିଭାଗର ଜିଏମ୍ ଶୁଭେନ୍ଦୁ କୁମାର ବେହେରା, ପି ପି ଏଣ୍ଡ୍ ସି ବିଭାଗର ଜିଏମ୍ ସିଦ୍ଧାର୍ଥ ଆଚାର୍ଯ୍ୟ, ଏସ୍‌ଏମ୍‌ଏସ୍-୨ ବିଭାଗର ଜିଏମ୍ ପ୍ରେମେନ୍ଦ୍ର ପ୍ରଣୟ, ଟ୍ରାଫିକ୍ ଓ କଞ୍ଚାମାଲ ବିଭାଗର ଜିଏମ୍ ସନ୍ତୋଷ କୁମାର ଭୂୟାଁ। ଇସ୍ପାତ ଷ୍ଟାଡିୟମଠାରେ ୭୬ତମ ଗଣତନ୍ତ୍ର ଦିବସ ଉପଲକ୍ଷେ ଏହି ପୁରସ୍କାର ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ପ୍ରଦାନ କରିଛନ୍ତି।

## ପତଞ୍ଜଳି ଯୋଗ ଶିବିରର ବାର୍ଷିକୋତ୍ସବ

**ରାଉରକେଲା, ୨୮।୧(ଦିନେଶ ମିଶ୍ର)**

ରାଉରକେଲା ହମିରପୁର କଣ୍ଟ୍ରାକ୍ଟର କଲୋନିରେ ଥିବା ପତଞ୍ଜଳି ଯୋଗକେନ୍ଦ୍ରର ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅରବିନ୍ଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜିଲା ମହିଳା ପ୍ରଭାରୀ ନିତମ୍ବିନୀ ସ୍ୱାଇଁ ଓ ଜିଲା ବିଏସ୍‌ଟି ପ୍ରଭାରୀ ନରେନ୍ଦ୍ର ବେହେରା ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମନର ଏକାଗ୍ରତା ଓ ନିରୋଗ ପାଇଁ ଯୋଗର ଆବ୍ୟଶକତା ରହିଛି ବୋଲି ଅତିଥିଗଣ ମତପ୍ରକାଶ କରିଥିଲେ। ଏହି ଅବସରରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଙ୍ଗାଧର ଦାଶ ଓ ତାଙ୍କ ସ୍ତ୍ରୀ ଆରତୀ କର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଜ୍ୟୋତ୍ସ୍ନାରାଣୀ ରାଉତ, ପ୍ରତିମା ନାୟକ ଓ ସୁଚିତ୍ରା ମହାନ୍ତି ଗୁରୁବନ୍ଦନା ଗାନ କରିଥିଲେ। ଗୀତାଞ୍ଜଳି ପଣ୍ଡିତ, ପ୍ରତିମା ନାୟକ, ରୋମା ପୋଦା, ମଞ୍ଜୁରାଣୀ ଗୋଥ, ପଦ୍ମା ପାତ୍ର, ପ୍ରୀତି ଶର୍ମା, ଉର୍ମିଳା ସାହୁ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

# ଫୁଟ୍‌ପାଥ୍ ଗୁମୁଟିରେ ଚାଲିଛି ଅସାମାଜିକ କାର୍ଯ୍ୟ

**ରାଉରକେଲା, ୨୮।୧(ବିପ୍ଳବ ରଞ୍ଜନ ଦାଶ)**



ଆଇଟିଆଇ ବ୍ରିଜ୍ ନିକଟସ୍ଥ ଫୁଟ୍‌ପାଥ୍ ପଛପଟେ ଏକ ଅବୈଧ ଗୁମୁଟି।

ରାଉରକେଲା ସହରର କେତେକ ଫୁଟ୍‌ପାଥ୍‌ରେ ଥିବା ଗୁମୁଟି ଅସାମାଜିକ ତତ୍ତ୍ୱଙ୍କ ଚରାଭୂଇଁ ପାଲଟିଛି। ଏ ଦିଗରେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି ବୋଲି ସହରର ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଉଛି।

ଆଇଟିଆଇ-ଛେଣ୍ଡ ରାସ୍ତା ସଂଲଗ୍ନ, ଆଇଟିଆଇ ବ୍ରିଜ୍ ନିକଟ ସରକାରୀ କଲେଜ ସମ୍ମୁଖ ଏବଂ ରାଉରକେଲା ସରକାରୀ କଲେଜ ସଂଲଗ୍ନ ରାସ୍ତା ପାର୍ଶ୍ୱ ଫୁଟ୍‌ପାଥ୍ ପାଚେରି ପଛପଟେ କେତେଜଣ ଲୋକ ଗୁମଟି ମାନ ଖୋଲିଛନ୍ତି। ସେମାନେ ଏହି ଗୁମୁଟିରେ ଦିନରେ ବ୍ୟବସାୟ କରୁଥିବା ବେଳେ ସନ୍ଧ୍ୟା ହେଲେ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବା ଅଭିଯୋଗ ହେଉଛି। ଫଳରେ ଏହି ଅଞ୍ଚଳରେ ରହୁଥିବା ସାଧାରଣ ଜନତା ଚୋରି, ଛିନତାଇକୁ ନେଇ ସର୍ବଦା ଶଙ୍କିତ ରହୁଛନ୍ତି। ଉକ୍ତ ଅଞ୍ଚଳରେ ରାତି ହେଲେ ନିଶାସକ୍ତ ବ୍ୟକ୍ତିମାନେ ଅସାମାଜିକ କାର୍ଯ୍ୟ କରୁଥିବା ବେଳେ ଏହି ଗୁମୁଟି ନିଶାଖୋର୍‌ମାନଙ୍କ ଆଡ୍ଡାସ୍ଥଳୀ ସାଜିଛି। ଫଳରେ ଏହିସବୁ ରାସ୍ତା ଦେଇ ମହିଳାମାନେ ରାତିରେ ଯାତାୟାତ କରିବା ନିରାପଦ ମଣୁନାହାନ୍ତି। ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଏ ନେଇ ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀଙ୍କୁ ପଚାରିବାରୁ ସେ କହିଲେ, ଖୁବ୍‌ଶୀଘ୍ର ଉକ୍ତ ସ୍ଥାନଗୁଡିକର ଅନୁଧ୍ୟାନ ହେବ। ଯଦି ଉକ୍ତ ଅଞ୍ଚଳରେ ଅସାମାଜିକ କାର୍ଯ୍ୟ ଚାଲୁଥାଏ ତେବେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାସହ ଆର୍‌ଏମ୍‌ସିକୁ ଏସବୁ ଗୁମୁଟି ହଟାଇବା ପାଇଁ ଅବଗତ କରାଯିବ ବୋଲି ଏସ୍‌ପି ୱାଧୱାନୀ କହିଥିଲେ।

## ସଂକ୍ଷେପରେ

### ଆତ୍ମରକ୍ଷା ତାଲିମ ଶିବିର

କୁଚିଣ୍ଡା,୨୮।୧(ବିରଞ୍ଚି ଦର୍ଜ୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁନ୍ତରା ଗୋକୁଳ ପାର୍ବତୀ ଗ୍ରାମ୍ୟ ମହାବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ଖଗପତି ଅମାତଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ପୂର୍ବତନ ଅଧକ୍ଷ ଦୁର୍ଯ୍ୟୋଧନ ମେହେର ମୁଖ୍ୟଅତିଥିଭାବେ ଯୋଗଦେଇ ଆତ୍ମରକ୍ଷା ତାଲିମର ଉପାଦେୟତା ବିଷୟରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଏହାଛଡା ଛାତ୍ରୀମାନେ ନିଜେ ନିଜର ସୁରକ୍ଷା କରିବା ସହ ସଶକ୍ତ ଓ ସୁସ୍ଥ ସମାଜ ଗଠନ କରିବାରେ ନିଜକୁ ପ୍ରତିଷ୍ଠିତ କରିପାରିବେ ବୋଲି କହିଥିଲେ। ଶିବିରକୁ ଅଧ୍ୟାପିକା ଦୀପିକା ବେହେରା ପରିଚାଳନା କରିଥିଲେ। ଅଞ୍ଜନା କିଷାନ ଓ ଉପାସି ନାଏକ ମାଷ୍ଟର ଟ୍ରେନର ଭାବେ ୮ଦିନ ଧରି ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ୧୮୦ ଜଣ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ଅଧ୍ୟାପିକା ଅଧ୍ୟାପକମାନେ ଉପସ୍ଥିତ ଥିଲେ। ଅଧ୍ୟାପିକା ବର୍ଷା ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

### କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା

କୁଚିଣ୍ଡା,୨୮।୧(ବିରଞ୍ଚି ଦର୍ଜ୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ନୋଡାଲ ହାଇସ୍କୁଲରେ ମଙ୍ଗଳବାର ଅପରାହ୍ନ ୨ଟାରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। କୁଟୁରାଚୁଆଁ ହାଇସ୍କୁଲ ପ୍ରଧାନଶିକ୍ଷକ ଭବାନୀ ଶଙ୍କର ନାୟକଙ୍କ ସଭାପତିତ୍ୱରେ ହୋଇଥିବା ଉଦ୍‌ଘାଟନୀ ଉତ୍ସବରେ କୁଚିଣ୍ଡା ସ୍କୁଲ ପରିଚାଳନା କମିଟି ସଭାପତି ସନାତନ ଖଡିଆ ମୁଖ୍ୟ ଅତିଥି, ୱାର୍ଡସଭ୍ୟ ଇଲାବତୀ କୁସୁମ ଓ ପ୍ରମିଳା ନାଏକ, ପୁରୁଣାପାଣି ସ୍କୁଲ ଶିକ୍ଷକ ଲକ୍ଷ୍ମୀନାରାୟଣ ନାଏକ, ସାତକମା ସ୍କୁଲ ଶିକ୍ଷକ କୋଶଳେଶ୍ୱର ଖର୍ସେଲ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଲା ତୃତୀୟ ଶ୍ରେଣୀ ସମାପ୍ତ ବେଳକୁ ସମସ୍ତ ଛାତ୍ରୀଛାତ୍ର ପଢିବା, ଲେଖିଶିଖିବା ଓ ସଂଖ୍ୟା ଜ୍ଞାନର ଦକ୍ଷତା ହାସଲ ହାସଲ କରିବା। କୁଟୁରାଚୁଆଁ ସିଆରସିସି ସଞ୍ଜୟ ନାଗ କାର୍ଯ୍ୟକ୍ରମରେ ତଦାରଖ କରିଥିଲେ। ମେଳାରେ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ୧୬୮ ଜଣ ଛାତ୍ରୀଛାତ୍ର ସେମାନଙ୍କ ପାଠ୍ୟକ୍ରମ ସମ୍ବନ୍ଧୀୟ କଳାକୃତି ପ୍ରଦର୍ଶନ କରିଥିଲେ। ଏଥିରେ ୧୦୫ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକ ଯୋଗ ଦେଇଥିଲେ। ଏହି ଅବସରରେ ଅଂଶଗ୍ରହଣକାରୀ ସମସ୍ତ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ଆମ୍ବୁଲାନ୍ସ ନୁହେଁ, ମୁକ୍ତିରଥ ଆସୁଥିଲା

**ଆଲୋଚନାବେଳେ ପୋଲିସ ଅଧିକାରୀଙ୍କୁ ଏମିତି କହିଲେ ସ୍ଥାନୀୟ ବାସିନ୍ଦା**

ସମ୍ବଲପୁର,୨୮।୧(ପ୍ରମୋଦ ବହିଦାର)

ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ ନେତାଜୀ କଲୋନୀରେ ଥିବା ସମର୍ଥ ମାନସିକ ଅନଗ୍ରସର ଥଇଥାନ କେନ୍ଦ୍ରକୁ କେବେହେଲେ ଆମ୍ବୁଲାନ୍ସ ଆସିବା ଦେଖି ନାହୁଁ। କେବଳ ମୁକ୍ତିରଥ(ଶବବାହକ ଗାଡ଼ି) ଆସିବା ଦେଖିଛୁ ବୋଲି କହିଛନ୍ତି ଶିବାଜୀ କଲୋନୀ ବାସୀନ୍ଦା। ଗତ ମାସକ ମଧ୍ୟରେ ୭ ଅନ୍ତେବାସୀଙ୍କ ମୃତ୍ୟୁ ଘଟିଛି ବୋଲି ଅଞ୍ଚଳର ମହିଳାମାନେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଦାୟିତ୍ୱରେ ଥିବା ଝାରସୁଗୁଡ଼ା ଆରକ୍ଷୀ ଅଧିକ୍ଷକ ସ୍ୱଥ ପି ପାରମାର ଉକ୍ତ ସଂସ୍ଥରେ ଅନ୍ତେବାସୀଙ୍କ ସ୍ଥିତି ପରିଖିବାକୁ ଯାଇଥିବା ଅବସରରେ ଅଞ୍ଚଳବାସୀଙ୍କ ସହ ଆଲୋଚନା ବେଳେ ଏଭଳି ଗୁରୁତର ଅଭିଯୋଗ ଆସିଛି। ସେମାନେ କହିଛନ୍ତି ଏହି ଥଇଥାନ କେନ୍ଦ୍ରରେ ଅନ୍ତେବାସୀଙ୍କୁ ମାତ୍ରାଧିକ ଶାରୀରିକ ଓ ମାନସିକ ନିର୍ଯାତନା ନୂଆକଥା ନୁହେଁ। ପରିଦର୍ଶନ ପରେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଥିଲେ ହେଁ ଆଇଜି ହିମାଂଶୁ ଲାଲ ସଂସ୍ଥାର ମାଲିକ ତଥା ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ ଓ ମହିଳା ସହାୟିକା ସ୍ୱାଗତିକା ପ୍ରଧାନଙ୍କୁ ଗିରଫ କରାଯାଇଛି। ଏହି ସଂସ୍ଥାକୁ କଳାତାଲିକା ଭୁକ୍ତ କରି ସିଲ୍ କରାଯିବ ବୋଲି କହିଛନ୍ତି।

# ପାଇପ ପାଣିରୁ ବଞ୍ଚିତ ପଡ଼ାବାସୀ

ସମ୍ବଲପୁର,୨୮।୧(ଭବାନୀ ଶଙ୍କର ଭୋଇ)

**ନାଳଦେଇ ପାଇପ ପକାଇ କୁମ୍ଭାରପଡ଼ାବାସୀଙ୍କ ପାଣି ସଂଗ୍ରହ**

ପ୍ରତି ଘରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ଆଜି ଯାଏ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୩୧ ନମ୍ବର ୱାର୍ଡ କୁମ୍ଭାରପଡାର ମୁଖ୍ୟ ତିନୋଟି ଗଳିରେ ସ୍ୱଚ୍ଛ ପିଇବା ପାଣି ଯୋଗାଣ ହୋଇପାରିନାହିଁ। ଫଳରେ ଲୋକେ ନିଜସ୍ୱ ଉଦ୍ୟମରେ ମୁଖ୍ୟରାସ୍ତାରୁ ପାଇପ ବିଛାଇ ଘରକୁ ପାଣି ନେଉଛନ୍ତି। ସମ୍ବଲପୁର ସହରରେ ବିଗତ ବର୍ଷ ମାନଙ୍କରେ ଲୋକ ଜଣ୍ଡିସରେ ପୀଡିତ ହେବା ସହ ବହୁ ଜୀବନହାନୀ ଘଟିଥିଲା। ଏହାପରେ ପାଣି ପାଇପ ବିଛେଇବା ପାଇଁ ସରକାର ପ୍ରଭୂତ ଅର୍ଥ ଯୋଗେଇଥିଲେ।


କୁମ୍ଭାରପଡାରେ ନାଳଦେଇ ପାଣି ପାଇପ ଯାଇଛି।

ହେଲେ ବାରମ୍ବାର ଅଭିଯୋଗ ପରେ ବି କୁମ୍ଭାରପଡାର ଏହି ତିନୋଟି ଗଳିରେ ପାଣି ପାଇପ ବିଛା ଯାଇନାହିଁ। ଯାଦ୍ୱାରା ଶହଶହ ପରିବାର ସେନପାର୍କରୁ ସରକାରୀ ଉର୍ଦ୍ଦୁ ସ୍କୁଲ ସାମ୍ନାରୁ ଶହ ଶହ ମିଟର ଲମ୍ବର ପାଣି ପାଇପ ଟାଣି ନେଇଛନ୍ତି। ସେଥିମଧ୍ୟରୁ ଅନେକଗୁଡିଏ ପାଇପ ନାଳନର୍ଦ୍ଦମାରେ ଯାଇଥିବାର ଦେଖିବାକୁ ମିଳୁଛି। ଏଥିଯୋଗୁ ଆଗାମୀ ଦିନରେ ପୁଣିଥରେ ଜଣ୍ଡିସ ପରି ମହାମାରୀ ସଂକ୍ରମିତ ହେବା ସମ୍ଭାବନାକୁ ଏଡାଇ ଦିଆଯାଇପାରେ। ଏନେଇ ସମ୍ବଲପୁର ଜନସ୍ୱାସ୍ଥ୍ୟ ବିଭାଗ ଏସ୍‌ଡିଓ ଇଂ.ସୁଖମୟ ସରକାରଙ୍କୁ ପଚାରିବାରୁ ସ୍ୱଚ୍ଛ ପାନୀୟ ଜଳ ପହଞ୍ଚାଇବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଯେଉଁ ସ୍ଥାନକୁ ପାଇପ ଯୋଗେ ପାଣି ପହଞ୍ଚି ପାରି ନାହିଁ ସେଠାକୁ ପହଞ୍ଚାଇବା ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

# ଉଚ୍ଚାରଣ, ଆଚରଣରେ ଶାଳୀନତା ଜରୁରୀ



ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥି।

ଜମନକିରା,୨୮।୧(ରବୀନ୍ଦ୍ର ପ୍ରସାଦ ଦାନୀ)

**ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ**

ସମ୍ବଲପୁର ଜିଲା ଜମନକିରା ବ୍ଲକ ସଦର ମହକୁମାସ୍ଥିତ କଦଳୀମୁଣ୍ଡା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ମଙ୍ଗଳବାର ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସ୍କୁଲ ପ୍ରଧାନଶିକ୍ଷକ ରାମଚନ୍ଦ୍ର ସିଂ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଚ୍ଚାରଣ ଓ ଆଚରଣରେ ଶାଳୀନତା ଆଣିବା ଏବଂ ସତ୍ୟକଥା କହି ସତ୍ୟବାଦୀ ହେବା ଦିଗରେ ବୁଝାଇଥିଲେ। ମୁଖ୍ୟବକ୍ତାଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁକ୍ମଣ ପ୍ରଧାନ ଯୋଗଦେଇ କିପରି ଓ କ'ଣ କଲେ ଉଭୟ ଶିକ୍ଷାର୍ଥୀ ଓ ଶିକ୍ଷାଦାତା ଉପକୃତ ହୋଇପାରିବେ ଏବଂ ସମାଜର ମଙ୍ଗଳ ହୋଇପାରିବ ତାହା ଉପରେ ଅଭିଭାଷଣ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଷଣ୍ଢପଥର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷା ଜ୍ୟୋତିର୍ମୟୀ ଜ୍ୟୋତ୍ସ୍ନା ଦାଶ, ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ସତ୍ୟନାରାୟଣ ସାହୁ, ସମ୍ପାଦକ ଶିବଶଙ୍କର ପ୍ରଧାନ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଶିକ୍ଷକ ଦିଲୀପ ବହିଦାର ପରିଚାଳନା କରିଥିଲେ। ଉଦ୍‌ଘାଟନୀ ସଭା ଶେଷରେ କମିଟି ସଭାପତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଉଦ୍‌ଯାପନୀ ସଭାରେ ସ୍କୁଲ ପରିଚାଳନା କମିଟି ସଭାପତି ଝରଣା ସା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜମନକିରା ତହସିଲଦାର ହରେକୃଷ୍ଣ ବରିହା ଯୋଗଦେଇ ଶିକ୍ଷାର୍ଥୀ ଏବଂ ଶିକ୍ଷାଦାତାଙ୍କ ଦାୟିତ୍ୱ କ'ଣ ତା'ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତାଭାବେ ଜମନକିରା ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପିକା ଡ. ତୃପ୍ତି ମିଶ୍ର ଯୋଗଦେଇ ଗୁଣାତ୍ମକ ପାଠର ଆବଶ୍ୟକତା ଉପରେ କହିଥିଲେ। ସମ୍ମାନୀତ ଅତିଥିଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବକୀ ନାଏକ, ଭୋଜପୁର ସରକାରୀ ଏସଏସଡି ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଆଇରିନା ମିଞ୍ଜ, ଜୟନ୍ତୀ କମିଟି ସଭାପତି ସାହୁ, ସମ୍ପାଦକ ପ୍ରଧାନ ମଞ୍ଚାସୀନ ଥିଲେ। ଉଭୟ ସଭା ମଝିରେ ସ୍କୁଲ ଆରମ୍ଭ ବେଳେ ଅବଦାନ ଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ୬୪ପରିବାର ପାଇଛନ୍ତି ୧୦୦ଦିନର କାମ

ନାକଟିଦେଉଳ,୨୮।୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସଭାଗୃହରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଅଧୀନ କାର୍ଯ୍ୟର ଜନଶୁଣାଣୀ କାର୍ଯ୍ୟକ୍ରମ ମଙ୍ଗଳବାର ଅପରାହ୍ନ ୧ଟାରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ନାକଟିଦେଉଳ, ଓସାଟ ଭୁବନେଶ୍ୱର ଏବଂ ପାନୀୟ ଜଳ ବିଭାଗ ଓଡିଶା ସରକାରଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୧ ଏପ୍ରିଲ ୨୦୨୪ରୁ ୩୦ ସେପ୍ଟେମ୍ବର ୨୦୨୪ ପର୍ଯ୍ୟନ୍ତ ଅବଧି ମଧ୍ୟରେ କାର୍ଯ୍ୟର ଶୁଣାଣୀ ହୋଇଥିଲା। ବିଡିଓ କ୍ଷମାନିଧି ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ବ୍ଲକ ଅଧକ୍ଷା ସ୍ୱରୂପାରାଣୀ ସାହୁ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଜିଲା ସାମାଜିକ ସମୀକ୍ଷକ ଆର୍ତ୍ତତ୍ରାଣ ଶତପଥୀ, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ରିୟ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଦ୍ୟାଧର ରାଉତରାୟ, ନାକଟିଦେଉଳ ଏସିଏଫ ଅଶ୍ୱିନୀ କୁମାର ବେହେରା, ଭାରପ୍ରାପ୍ତ



ଜନଶୁଣାଣିରେ ଉପସ୍ଥିତ ଅଧିକାରୀ ଓ ଜନ ପ୍ରତିନିଧି।

**ନାକଟିଦେଉଳ ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିର**

ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରବୀନ୍ଦ୍ର କୁମାର ସାହୁ ଯୋଗଦେଇଥିଲେ। ଏହି ଯୋଜନାର ସଫଳ ରୂପାୟନ କିପରି ହୋଇ ପାରିବ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅନ୍ୟପକ୍ଷରେ ବନ ବିଭାଗ, ଉଦ୍ୟାନ ବିଭାଗ, ମତ୍ସ୍ୟ ବିଭାଗ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ କାମ ବିନା ସୂଚନା ଫଳକରେ ଚାଲିଥିବାରୁ ସମ୍ପୃକ୍ତ ବିଭାଗ ଅଧିକାରୀଙ୍କୁ ଜରିମାନା ପାଇଁ ନୋଟିସ ଜାରି କରାଯାଇଥିଲା। ୧ ଏପ୍ରିଲ ୨୦୨୪ରୁ ୩୦ ସେପ୍ଟେମ୍ବର ୨୦୨୪ ମଧ୍ୟରେ ମୋଟ ୨୦୦୮ ପ୍ରକଳ୍ପ ହାତକୁ ନିଆ ଯାଇଥିବା ବେଳେ ସେଥିରୁ ୧୦୧୬ ପ୍ରକଳ୍ପ ଶେଷ ହୋଇଛି। ବ୍ଲକ ଅଧୀନ ୧୪ ଗ୍ରାମ ପଞ୍ଚାୟତରୁ ୧୦୫୯୩ ଜଣଙ୍କୁ ଜବକାର୍ଡ ଯୋଗାଇ ଦିଆଯାଇଥିଲା। ସେଥିରୁ ୫୧୮୩ ଜଣ କାର୍ଯ୍ୟ କରିବା ପାଇଁ ଦାବି କରିଥିବାବେଳେ ୫୧୯୩ ଜଣଙ୍କୁ କାର୍ଯ୍ୟ ଯୋଗାଇ ଦିଆଯାଇଛି। ଏଥି ମଧ୍ୟରୁ ୬୪ ପରିବାରକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ୧୦୦ ଦିନର କାମ ଯୋଗାଇ ଦିଆ ଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ସମୟ ଅବଧି ମଧ୍ୟରେ ୩ ଲକ୍ଷ ୨୯ ହଜାର ୪୫୦ ଶ୍ରମ ଦିବସ ସୃଷ୍ଟି କରାଯିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଅବଧି ସୁଦ୍ଧା ୧ଲକ୍ଷ ୩୮ ହଜାର ୫୬୮ ଶ୍ରମ ଦିବସ ସୃଷ୍ଟି କରାଯାଇଛି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ସମସ୍ତ ପିଇଓ, ଜିଆରଏସ୍, ଭିଆରପିଙ୍କ ସମେତ ସମସ୍ତ ଲାଇନ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟ-୨ରେ କ୍ରୀଡ଼ା ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା

ସମ୍ବଲପୁର,୨୮।୧(ଭବାନୀ ଶଙ୍କର ଭୋଇ)

ଟିପିଡବ୍ଲ୍ୟୁଓଡିଏଲର ସିଏସଆର ବିଭାଗ ଦ୍ୱାରା ବୁର୍ଲା କେନ୍ଦ୍ରୀୟ ବିଦ୍ୟାଳୟ ସମ୍ବଲପୁର-୨ ଠାରେ ଏକ କ୍ରୀଡ଼ା ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଜାତୀୟ ବାଳିକା ଶିଶୁ ଦିବସ ଅବସରରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁସ୍ମିତା ପ୍ରଧାନ ଏବଂ ଟିପିଡବ୍ଲ୍ୟୁଓଡିଏଲ ବରିଷ୍ଠ କର୍ମଚାରୀଙ୍କ ଉପସ୍ଥିତିରେ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଏହି କେନ୍ଦ୍ରକୁ ଉଦଘାଟନ କରିଛନ୍ତି। ବିଦ୍ୟାଳୟର ଛାତ୍ରୀମାନଙ୍କୁ ଅତ୍ୟାବଶ୍ୟକ ଆତ୍ମରକ୍ଷା କୌଶଳ ତଥା ସାମୂହିକ ବିକାଶ ପାଇଁ ସୁଯୋଗ ଦେବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ହାତକୁ ନିଆଯାଇଥିବା ଟିପିଡବ୍ଲ୍ୟୁଡିଏଲ ପକ୍ଷରୁ କୁହାଯାଇଛି। କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବର୍ମା ସମାବେଶକୁ ସମ୍ବୋଧିତ କରି ସୁଯୋଗର ଫାଇଦା ନେବାକୁ ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରାଯାଇଥିଲା।


ଉତ୍କର୍ଷ କେନ୍ଦ୍ର ଉଦ୍‌ଘାଟନୀ ଅବସରରେ ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା।

ସେହିପରି ବାଳିକାମାନଙ୍କ ପାଇଁ ସମାନ ସୁଯୋଗ ଉପରେ ଏକ ନାଟକ ପ୍ରଦର୍ଶିତ ହୋଇଥିଲା। ଶେଷରେ ବିଦ୍ୟାଳୟ ଛାତ୍ରୀମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଖୋ-ଖୋ ମ୍ୟାଚର ଆୟୋଜନ କରାଯାଇଥିଲା।

### ଡଇଁଚା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

ନାକଟିଦେଉଳ,୨୮।୧(ବୈକୁଣ୍ଠନାଥ ସାହୁ)

ନାକଟିଦେଉଳ ବ୍ଲକ ଡଇଁଚା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ମଙ୍ଗଳବାର ଅପରାହ୍ନ ୨ଟାରେ ଅନୁଷ୍ଠିତ ହୋଇଛି। ଅଧକ୍ଷ କ୍ଷୀରୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥିଭାବେ ଉପଜିଲାପାଳ ରଶ୍ମି ରଞ୍ଜନ ମହନ୍ତ, ମୁଖ୍ୟ ବକ୍ତାଭାବେ ରେଢ଼ାଖୋଲ ଭୀମ ଭୋଇ ମହାବିଦ୍ୟାଳୟ ଅଧ୍ୟାପକ ଡ଼. ମନୋରଞ୍ଜନ ମହନ୍ତ, ସମ୍ମାନିତ ଅତିଥିଭାବେ ଡଇଁଚା ପଞ୍ଚାୟତ ସରପଞ୍ଚ ସୌଦାମିନୀ ପ୍ରଧାନ, ସମିତି ସଭ୍ୟ ପ୍ରବୀଣ କୁମାର ପ୍ରଧାନ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶ୍ୱିନୀ କୁମାର ଧଳ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଗଭୀର ଆତ୍ମ ବିଶ୍ୱାସ ଏବଂ ଦୃଢ଼ ଇଚ୍ଛା ଶକ୍ତି ସହିତ ଅଗ୍ରସର ହେବାକୁ ଆହ୍ୱାନ ଦେଇଥିଲେ। ସହକାରୀ ଶିକ୍ଷକ ହଳଧର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଅନିଲ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଘରକାନ୍ଥ ଭାଙ୍ଗି ଧାନ ଖାଇଲା ଦନ୍ତାହାତୀ

ନାକଟିଦେଉଳ,୨୮।୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳର ବିଭିନ୍ନ ଗ୍ରାମରେ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ସନ୍ଧ୍ୟା ହେବା ମାତ୍ରେ ଏହି ହାତୀପଲ ଗାଁ ଭିତରକୁ ପଶି ଆସି ଉପଦ୍ରବ ଆରମ୍ଭ କରି ଦେଉଛନ୍ତି। ଘର ଭାଙ୍ଗି ଧାନ ଚାଉଳ ଖାଇ ଯିବା ସହ ପରିବା ବଗିଚାରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଉଛନ୍ତି। ସୋମବାର ରାତ୍ରି ପ୍ରାୟ ୧୦ଟାରେ ନାକଟିଦେଉଳ ବନାଞ୍ଚଳ ବାଟଗାଁ ଫରେଷ୍ଟ ସେକ୍ସନର ଅଙ୍ଗାବିରା ଗ୍ରାମରେ ଏକ ଦନ୍ତା ହାତୀ ୨ ଜଣଙ୍କ ଘରକାନ୍ଥ ଭାଙ୍ଗି ଦେଇଛି। ସୋମବାର ରାତିରେ ଗ୍ରାମର ଭାବଗ୍ରାହୀ ସାହୁ ଘରେ ନ ଥିବା ବେଳେ ତାଙ୍କ ପରିବାର ଲୋକେ ଘରେ ଶୋଇଥିଲେ। ରାତି ୧୦ଟା ସମୟରେ ଏହି ଦନ୍ତା ସେଠାରେ ପହଞ୍ଚି ଦୁଇ ବଖରା ଘରର ଆଜବେଷ୍ଟସ ଓ ଘର କାନ୍ଥ ଭାଙ୍ଗି ଭିତରେ ଥିବା ପ୍ରାୟ ୧୫ କୁଇଣ୍ଟାଲ ଧାନ ଖାଇଯିବା ସହ ଏଣେତେଣେ ଫୋପାଡି ନଷ୍ଟ କରିଥିଲା। ହାତୀ ଘର ଭାଙ୍ଗୁଥିବା ଶବ୍ଦ ଶୁଣି ପରିବାର ଲୋକେ ଜୀବନ ବିକଳରେ ବାହାରକୁ ବାହାରି ଯାଇ ଗାଁ ଲୋକଙ୍କୁ ଡାକି ଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ଏବଂ ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚି ଦନ୍ତା ହାତୀକୁ ଘଉଡ଼ାଇଥିଲେ। ହାତୀ ଉପଦ୍ରବରେ ଉକ୍ତ


ହାତୀ ଭାଙ୍ଗିଥିବା ଘରର କାନ୍ଥ।

ରାତିରେ ଗ୍ରାମର ଗୌତମ ପୁଲେଇଙ୍କ ଘର ଭାଙ୍ଗିରୁଜି ଯାଇଥିବା ଅଭିଯୋଗ ହୋଇଛି। ବନବିଭାଗ ଅବହେଳାରୁ ସନ୍ଧ୍ୟା ନ ହେଉଣୁ ହାତୀ ଗାଁ ଭିତରକୁ ଚାଲି ଆସୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାଟଗାଁ ଫରେଷ୍ଟର ଦିଲ୍ଲୀପ କୁମାର ବେହେରା ଅଙ୍ଗାବିରା ଗ୍ରାମରେ କ୍ଷତିଗ୍ରସ୍ତ ଲୋକଙ୍କ ଘରକୁ ଯାଇ କ୍ଷୟକ୍ଷତି ଆକଳନ କରିଛନ୍ତି।

# ପୁରସ୍କାର ବିତରଣ ଉତ୍ସବ


ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

ସମ୍ବଲପୁର,୨୮।୧(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ନକ୍ସାପାଲି ସ୍ଥିତ କୋଶଳ କଲେଜ ଅଫ ନର୍ସିଂ ଓ ବ୍ରାଇଟ ଫ୍ୟୁଚର ପବ୍ଲିକ ସ୍କୁଲର ମିଳିତ ଆନୁକୂଲ୍ୟରେ ଗଣତନ୍ତ୍ର ଦିବସରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ନିର୍ଦ୍ଦେଶକ ତଥା ଅଧକ୍ଷ ଡାକ୍ତର ବସନ୍ତ କୁମାର ବିଷୋୟୀ ଜାତୀୟ ପତାକା ଉତ୍ତୋଳନ କରି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ରମାନାଥ ଜେନା, ସଙ୍ଗୀତା ପଣ୍ଡା, ବବିତାରାଣୀ ନାୟକ, କବିତା ରାଉତ, ଲିଜାରାଣୀ ପ୍ରଧାନ ପୁରସ୍କାର ବିବରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପାଧକ୍ଷା ବିଜୟିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଛାତ୍ରୀଛାତ୍ରମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଜିଲାସ୍ତରୀୟ ବେଟି ବଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମ

ସମ୍ବଲପୁର,୨୮।୧(ପ୍ରମୋଦ ବହିଦାର)

ଶିଶୁକନ୍ୟା ସଶକ୍ତିକରଣ ଲକ୍ଷ୍ୟରେ ଆରମ୍ଭ ହୋଇଥିବା 'ବେଟି ବଚାଓ, ବେଟି ପଢ଼ଓ' ଅଭିଯାନର ୧୦ ବର୍ଷ ପୂର୍ତ୍ତି ଜିଲାସ୍ତରୀୟ ଜାତୀୟ କନ୍ୟା ଦିବସଭାବେ ପାଳିତ ହୋଇ ଯାଇଛି। ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ମଙ୍ଗଳବାର ସନ୍ଧ୍ୟା ସାଢ଼େ ୫ଟା ଯାଏ ଚାଲିଥିବା ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ରାଣୀ ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ରେଣୁବାଳା ନନ୍ଦ ଯୋଗଦେଇଥିଲେ। ଅତିଥିବୃନ୍ଦ ବେଟି ବଚାଓ, ବେଟି ପଢ଼ଓ ଅଭିଯାନ ଅନ୍ତର୍ଗତ ଏକ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶିକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରି ପ୍ରଥମ ବାଲିବନ୍ଧା ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀ ସୁମା ଖାତୁନ, ଦ୍ୱିତୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀମାନେ।

**ସଚେତନତା ରଥର ଶୁଭାରମ୍ଭ**

ହୀରାକୁଦର ଏସ୍ ସୁସ୍ମିତା, ତୃତୀୟ ଲେଡି ଲୁଇସ୍ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଲକ୍ଷ୍ମୀପ୍ରିୟା ରାଉତଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି କଳା ଓ କ୍ରୀଡ଼ା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଅନୁଷ୍କା ତ୍ରିପାଠୀ, ଜହ୍ନ ଗଉଡ଼, ସୋନିଆ ପଟେଲ, ରତ୍ନାବତୀ କୁମ୍ଭାରଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଗୁରୁ ଅସୀମ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତ ପଟ୍ଟନାୟକ ପରିଚାଳନା କରିଥିଲେ। ଏହି ଅସବରରେ ଆୟୋଜିତ 'ବେଟି ବଚାଓ, ବେଟି ପଢ଼ଓ' ଶୀର୍ଷକ ଏକ ଦସ୍ତଖତ ଅଭିଯାନରେ ଅତିଥିବୃନ୍ଦ କନ୍ୟାସନ୍ତାନଙ୍କ ସୁରକ୍ଷା ଓ ସଶକ୍ତିକରଣ ସମ୍ପର୍କିତ ବାର୍ତ୍ତା ଉଲ୍ଲେଖ କରିଥିଲେ। ଏଥିପୂର୍ବରୁ ବେଟି ବଚାଓ, ବେଟି ପଢ଼ାଓ ସଚେତନତା ଧର୍ମୀ ପ୍ଲାକାର୍ଡ ଓ ସ୍ଲୋଗାନ ଦେଇ ଶିଶୁ କନ୍ୟାମାନଙ୍କ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ଯମରାଜ ବାଇକ୍ ଆରୋହୀଙ୍କୁ ହେଲମେଟ୍ ପ୍ରଦାନ କରୁଛନ୍ତି।

ଲହୁଣୀପଡା,୨୮।୧(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ରାଜାମୁଣ୍ଡା ବାଇପାସଠାରେ ମଙ୍ଗଳବାର ଲହୁଣୀପଡା ଥାନା ପୋଲିସ ଓ ରାଜାମୁଣ୍ଡା ସ୍ଥିତ ବୋଲବମ ସେବା ସଂଘର ମିଳିତ ଉଦ୍ୟମରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବଣେଇ ଉପଜିଲାପାଳ ଅକ୍ଷୟ ପିଲ୍ଲେ, ସମ୍ମାନିତ ଅତିଥି ଲହୁଣୀପଡା ତହସିଲଦାର ବାବୁଲ ପେରେଇ, ଲହୁଣୀପଡା ଥାନା ଅଧିକାରୀ ସୁରଜ କୁମାର ଝାଙ୍କର, ଡ୍ରାଇଭିଂ ଟ୍ରେନିଂ ବିଦ୍ୟାଳୟ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ଉପାଧ୍ୟକ୍ଷ ବେଦେଶୀ ବେହେରା, ହରିଶ ପାଲ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତାଭାବେ ଏମଭିଆଇ ମାନସ ପୃଷ୍ଟି ଯୋଗ ଦେଇଥିଲେ। ସଂଘ ସଭାପତି ରମେଶ ଚନ୍ଦ୍ର କରଙ୍କ ଅଧକ୍ଷତାରେ ଏହି ସଚେତନତା କାର୍ଯ୍ୟକ୍ରମ ସଭା ଅନୁଷ୍ଠିତ ହୋଇଥିବା ବେଳେ ସମ୍ପାଦକ ପ୍ରଦ୍ୟୁତ କୁମାର ଜିତ ପରିଚୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସଡକ ସୁରକ୍ଷା ଜୀବନ ରକ୍ଷା ସମ୍ପର୍କରେ ଅତିଥିମାନେ ସଚେତନତା ମୂଳକ ବକ୍ତବ୍ୟ ପ୍ରଦାନ କରିଥିଲେ। ଯାନରେ ଯାତାୟାତ କଲା ସମୟରେ ଆବଶ୍ୟକ ସୁରକ୍ଷା ସାମଗ୍ରୀ ଯଥା ହେଲମେଟ, ବେଲ୍ଟ ବ୍ୟବହାର କରିବା ସହିତ ଟ୍ରାଫିକ ସଂକେତ ଓ ନିୟମ ମାନି ଗାଡି ଚଳେଇଲେ ଦୁର୍ଘଟଣାରୁ ସୁରକ୍ଷା ମିଳିବ ବୋଲି ଆହ୍ୱାନ ଦେଇଥିଲେ। ଏହାସହିତ ରାସ୍ତାରେ ଯାଉଥିବା ବାଇକ ଓ ଗାଡି ମଟରକୁ ଅଟକାଇ ଚକଲେଟ ଦେଇ ସଚେତନତା ବାର୍ତ୍ତା ଦେବା ସହିତ ଯେଉଁ ବାଇକ ଆରୋହିଙ୍କ ନିକଟରେ ହେଲମେଟ ନାହିଁ ସେମାନଙ୍କୁ ମାଗଣାରେ ହେଲମେଟ ପ୍ରଦାନ କରାଯାଇଥିଲା। ଗିରିଧାରୀ ସାହୁ(ଯମରାଜ) ଓ କୁଶଧ୍ୱଜ ଖଡ଼ିରତ୍ନ (ଚିତ୍ରଗୁପ୍ତ) ବେଶରେ ସଜ୍ଜିତ ହୋଇ ଅମାନିଆ ଚାଳକଙ୍କୁ କୌତୁକିଆ ଦଣ୍ଡ ବିଧାନ କରି ସଚେତନତା ସୃଷ୍ଟି କରୁଥିଲେ। ଯୋଗମାୟା ମହିଳା ମହାବିଦ୍ୟାଳୟ, ଲହୁଣୀପଡା ମହାବିଦ୍ୟାଳୟ, ଲହୁଣୀପଡା ଶିଶୁ ବିଦ୍ୟା ମନ୍ଦିର, ଗୋପନା ଉଚ୍ଚ ବିଦ୍ୟାଳୟ, ଗମଲେଇ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୂର୍ବରୁ ବକ୍ତୃତା ପ୍ରତିଯୋଗୀତା କରାଯାଇଥିଲା। ସଡକ ସୁରକ୍ଷା ସଚେତନତା ଉପରେ ଏକ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ରଞ୍ଜନ କୁମାର ପତି, କବିତା ମାହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ସ୍ଥଳରୁ ଏକ ସଚେତନତା ରଥ ସହିତ ବାଇକ ଶୋଭାଯାତ୍ରା ବାହାରି ଲହୁଣୀପଡା ସହର ପରିକ୍ରମା କରି ସମସ୍ତଙ୍କୁ ସଚେତନତା କରାଇଥିଲା। ସଡକ ସୁରକ୍ଷା ସଚେତନତାର ପ୍ଲାକାର୍ଡ ଧରି ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଲହୁଣୀପଡା ମେକାନିକ ସଂଘ, ଡ୍ରାଇଭର ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ବିପୁଳ ସଂଖ୍ୟାରେ ଯୋଗ ଦେଇଥିବା ବେଳେ ଗାଡି ଗୁଡିକର ମାଗଣା ମରାମତି ମେକାନିକ ସଂଘ ତରଫରୁ କରାଯାଇଥିବା ଜଣାପଡିଛି। ପ୍ରସନ୍ନ କୁମାର ଜେନା,ଏଏସଆଇ ହରିହର ପାଲ, ଶ୍ରୀନିବାସ ସେଠୀଙ୍କ ସମେତ ପୋଲିସ କର୍ମଚାରୀ ଏବଂ ବୋଲବମ ସଂଘର ପ୍ରଭାତ ରାଉତ, ଅସିତ ପଟ୍ଟନାୟକ, ମୁକେଶ ପାଲ, ଚିନ୍ମୟ ଖଡ଼ିରତ୍ନ, ଶ୍ରୀକାନ୍ତ ଜୟସୱାଲ, ବିକାଶ ଚକ୍ର, ରଞ୍ଜିତ ପତି, ଗୋବିନ୍ଦ ବାରିକ, ହୃଷିକେଶ କର ଓ କର୍ମକର୍ତ୍ତାଙ୍କ ସହଯୋଗରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭା ଶେଷରେ ଗଗନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ହେମଗିର,୨୮।୧(ଚୈତନ୍ୟ ପଟେଲ): ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବେଲଡିପାଠାରେ ଏକାଦଶତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ଯୋଗେଶ କୁମାର ସିଂ ଯୋଗଦେଇ ଥିବାବେଳେ ମୁଖ୍ୟ ବକ୍ତାଭାବେ ଏବିଇଓ କପିଳ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ପୂର୍ବତନ ଶିକ୍ଷକ ପଦ୍ମନ ରାଉତ, ସୁଜନ ବଢେଇ, ଅନୁପ ଶଙ୍କର ଗୁପ୍ତା, ହେମଗିର ଶିକ୍ଷକ ସଂଘର ସଭାପତି ରାମଲାଲ ପଟେଲ, ଜିଏମଡିସିର କ୍ୟାପଟେନ ରଣବୀର ସିଂହ, ବେଦାନ୍ତ କମ୍ପାନୀର ସିଦ୍ଧାର୍ଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ପରିଚାଳନା ସମିତିର ସଭାପତି ମାନସ ରଞ୍ଜନ ପ୍ରଧାନ, ସମ୍ପାଦକ ବୀର କିଶୋର ପଧାନ, ହୃଷୀକେଶ ପଧାନ, ପୂର୍ବତନ ସଭାପତି ବୈକୁଣ୍ଠ ପ୍ରଧାନ, ଉପଦେଷ୍ଟା ପୂର୍ବତନ ଶିକ୍ଷକ ସାଗର ପଧାନ, ଆଚାର୍ଯ୍ୟ ମହେନ୍ଦ୍ର ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ଣ୍ଣିମା ଗୁରୁମା ମଞ୍ଚ ପରିଚାଳନା କରିଥିଲେ।

## ଓଷ୍ଟା ଶିକ୍ଷକ ସଂଘର ବନ୍ଧୁମିଳନ

କୁତ୍ରା,୨୮।୧(ଦେବାଶିଷ ସାହୁ)

କୁତ୍ରା ବ୍ଲକ ଓଷ୍ଟା ଶିକ୍ଷକ ସଂଘ ପକ୍ଷରୁ ଲକ୍ଷ୍ମୀପୋଷ ସ୍ଥିତ ଶଙ୍ଖ ନଦୀ ପଠାରେ ୧୧ତମ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଲୋକନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଇଓ ଅଶୋକ ଲାକଡା ଯୋଗଦେଇ ଶିକ୍ଷକଙ୍କ ଏଭଳି ଏକତା ଦେଖି ଖୁସି ବ୍ୟକ୍ତ କରିବା ସହିତ ଆଗକୁ ଏହିଭଳି ଭାବେ ଏକତା ବଜାୟ ରଖିବା ଓ ବ୍ଲକରେ ଆୟୋଜିତ ସମସ୍ତ ପ୍ରକାର କାର୍ଯ୍ୟକ୍ରମରେ ସମସ୍ତଙ୍କ ସହୋଯାଗ କାମନା କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଓଷ୍ଟା ସଭାପତି ଡ.ବିଭୀଷଣ ବାରିକ, ଏବିଇଓ ଲକ୍ଷ୍ମଣ ଜାମୁଣ୍ଡା, ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ବ୍ରିଧିଚନ୍ଦ୍ର ବିଲୁଙ୍ଗ, ଅମରେଶ ସାହୁ, ନିତ୍ୟନନ୍ଦ ବେହେରା, ସଞ୍ଜିତା କୁଜୁର, ବିମଲ କୁମାର ନାଏକ, ସିକନ୍ଦର ହରୋ, ଲକ୍ଷ୍ମୀ ଖେସ, ବାସନ୍ତି କାଲୋ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ମହେନ୍ଦ୍ର ସିଂ ପରିଚାଳନା କରିଥିବା ବେଳେ ଧୃତିସୁନ୍ଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରବିନ୍ଦ୍ର ପଣ୍ଡା, ନରଞ୍ଜନ ପୃଷ୍ଟି, ଦିପିକା କେର୍କେଟା, ଜସ୍ମିନ ମିଞ୍ଜ, ଜନ୍ମଜୟ ବେହେରା, ଆର୍ଶିବାଦ ମିଶ୍ର, ରାମେଶ୍ୱର ଲାକଡା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ବ୍ଲକର ବହୁ ଶିକ୍ଷକ ଶିକ୍ଷୟିତ୍ରୀ,କର୍ମଚାରୀ ଉପସ୍ଥିତ ଥିଲେ।

**ଭାରତୀୟ ରିଜର୍ଭ ବ୍ୟାଙ୍କ**

ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟର ତୃତୀୟ ମହଲା ଅଞ୍ଚଳର ନବୀକରଣ (ବୈଦ୍ୟୁତିକ କାର୍ଯ୍ୟ) ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn**ରେ ଆବେଦନର ଶେଷ ତାରିଖ ଫେବୃଆରୀ ୧୩, ୨୦୨୫ ଅପରାହ୍ନ ୦୨.୦୦ଟା ଅଟେ।

**କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର**



**୧୯୮୪ ମାଟ୍ରିକ ବ୍ୟାଚ୍ ବନ୍ଧୁ ମିଳନ**

ଲୋଇସିଂହା,(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲର ୧୯୮୪ ମାଟ୍ରିକ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁ ମିଳନ ପଥରଗଡ ଡ୍ୟାମ୍‌ରେ ଅନୁଷ୍ଠିତ ହୋଇଯାଇଛି । ସମୀର ଦାନୀ ଓ ସତ୍ୟ ନାରାୟଣ ଭୋଇଙ୍କ ଉଦ୍ୟମ କ୍ରମେ ଏହି ବ୍ୟାଚ୍‌ର ୩୫ ଜଣ ସହପାଠୀ ସାମିଲ ହୋଇ ଭାବର ଆଦାନ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରତିବର୍ଷ ଜାନୁୟାରୀ ଶେଷ ରବିବାର ବନ୍ଧୁମିଳନ ଆୟୋଜନ ଲାଗି ସ୍ଥିର ହୋଇଥିଲା ।



# ଦେଓଗାଁ ବ୍ଲକ: ବିଭିନ୍ନ ମଣ୍ଡିରେ ପଡ଼ିରହିଛି ଧାନ

**ଦେଓଗାଁ,୨୮।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ମଣ୍ଡି ଗୁଡିକରେ ଚାଷୀଙ୍କ ଧାନ କ୍ରୟକୁ ନେଇ ଅଚଳାବସ୍ଥା ଲାଗି ରହିଛି। ଫଳରେ ଶହ ଶହ ବସ୍ତା ଧାନ ବିଭିନ୍ନ ମଣ୍ଡିରେ ପଡିରହିଛି। ଏ ନେଇ ଚାଷୀ ଚିନ୍ତାରେ ଅଛନ୍ତି। ଜିଲା ପ୍ରଶାସନ ଓ ଯୋଗାଣ ବିଭାଗ ସମନ୍ୱୟ ରଖି ଚାଷୀଙ୍କ ଧାନ କ୍ରୟ କରି ଉଚିତ୍ ମୂଲ୍ୟ ପାଇବା ଦିଗରେ ପଦକ୍ଷେପ ନେବାକୁ ପାକ୍ସଗୁଡିକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ବର୍ତ୍ତମାନ ପାକ୍ସଗୁଡିକରେ ଟାର୍ଗେଟ ନ ଥିବାରୁ ଅନେକ ଚାଷୀଙ୍କ ଧାନ ପଡି ରହିଥିବା ଅଭିଯୋଗ ହେଉଛି । ମିଳିଥିବା ତଥ୍ୟ ଅନୁଯାୟୀ, କୁତୁର୍ଲା ପାକ୍ସକୁ ୨୬୪୨୦, ବଡବନ୍ଧକୁ ୧୭୯୫୦, ଜରାସିଂହାକୁ ୧୯୮୩୦, ରାମଚନ୍ଦ୍ରପୁରକୁ ୧୨୪୮୦, ଉପରଝର ୨୦୬୪୦, ବନ୍ଧପଡା ୨୦୪୯୦, ଗୌରଗୋଠ ୧୯୮୪୦, ମହଲେଇ ୨୪୪୨୦, ସାରସମାଲ ୨୩୫୩୦, ଦେଓଗାଁ ୧୯୯୨୦, ଅର୍ଜୁନପୁର ୩୧୫୦୦, ଧଣ୍ଡାମାଲ ୨୪୪୪୦, ମା' ମଙ୍ଗଳା ଏସଏଚଜି ୧୬୯୬୦, ଶ୍ରୀ ଦୁର୍ଗା ଏସଏଚଜି ୧୫୪୫୦, ସୀତାବାଇ ଫୁଲେ ଏସଏଚଜି ୧୧୫୦୦, ମହାଲକ୍ଷ୍ମୀ ଏସଏଚଜିକୁ ୧୦୪୮୦ ଧାନ କିଣିବା ପାଇଁ ଟାର୍ଗେଟ ପ୍ରଦାନ କରାଯାଇଥିଲା। କିନ୍ତୁ ବର୍ତ୍ତମାନ କୁତୁର୍ଲା, ବଡବନ୍ଧ, ଜରାସିଂହା, ରାମଚନ୍ଦ୍ରପୁର, ଉପରଝର, ବନ୍ଧପଡା, ସାଇଦୁର୍ଗା ଏସଏଚଜି, ସାବିତ୍ରୀ ବାଇ ଫୁଲେ, ମହାଲକ୍ଷ୍ମୀ ଏସଏଚଜିଗୁଡିକରେ ଟାର୍ଗେଟ ନ ଥିବାରୁ ଚାଷୀ ନିରାଶ ହୋଇ ଫେରି ଯାଉଥିବା ଅଭିଯୋଗ ହେଉଛି। ଗୌରଗୋଠ, ମହଲେଇ, ସାରସମାଲ, ଦେଓଗାଁ, ଅର୍ଜୁନପୁର, ଧଣ୍ଡାମାଲ, ମା' ମଙ୍ଗଳା ଏସଏଚଜିଗୁଡିକରେ ଟାର୍ଗେଟ ସରିଯାଇଥିବା ଜଣାପଡିଛି। ଏ ସମ୍ପର୍କରେ ବିଭିନ୍ନ ପାକ୍ସର ସଂପାଦକ ଯୋଗାଣ ବିଭାଗକୁ ଲିଖିତ ଭାବେ ଜଣାଇଥିଲେ। କିନ୍ତୁ କୌଣସି ସୁଫଳ ମିଳିନାହିଁ । ଯୋଗାଣ ବିଭାଗ ଓ ଜିଲାପାଳଙ୍କ ମଧ୍ୟରେ କେଁ ରହିଥିବାରୁ ଟାର୍ଗେଟ ମିଳୁ ନ ଥିବା ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ଅଞ୍ଚଳର ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଜିଲାପାଳ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି।


ଦେଓଗାଁ ବ୍ଲକ ବନ୍ଧପଡା ପାକ୍ସରେ ଚାଷୀଙ୍କ ଧାନ ବିକ୍ରି ହୋଇ ନ ପାରି ପଡିରହିଛି ।

**ଚିନ୍ତାରେ ଚାଷୀ**

# ମହାଶିବରାତ୍ରି ମେଳା ପ୍ରସ୍ତୁତି ବୈଠକ

**ଟିଟିଲାଗଡ଼,୨୮।୧(ସନ୍ତୋଷ ପଟ୍ଟନାୟକ)**

ଟିଟିଲାଗଡସ୍ଥିତ ପର୍ଯ୍ୟଟନ କ୍ଷେତ୍ର କୁମୁଡା ପାହାଡ଼ ଗୁମ୍ଫାରେ ବିଦ୍ୟମାନ ଶ୍ରୀ ଶ୍ରୀ ଧବଳେଶ୍ୱରଙ୍କ ମହାଶିବରାତ୍ରୀ ମେଳା ପ୍ରତିବର୍ଷ ଭଳି ଆସନ୍ତା ଫେବୃଆରୀ ୨୬ରୁ ମାର୍ଚ୍ଚ ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏନେଇ ଶ୍ରୀଶ୍ରୀ ଧବଳେଶ୍ୱର ଶ୍ରୀ ଦଧିବାମନ ଟ୍ରଷ୍ଟ ବୋର୍ଡ ସଭାପତି ତଥା ଟିଟିଲାଗଡ଼ ଉପଜିଲାପାଳ ରେହାନ ଖତ୍ରୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସରକାରୀ ବାଳକ ହାଇସ୍କୁଲ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ପ୍ରଶାନ୍ତ ଷଡ଼ଙ୍ଗୀ, ପୌରାଧ୍ୟକ୍ଷା ମମତା ଜୈନ, ଟ୍ରଷ୍ଟ ସଦସ୍ୟ ସଞ୍ଜୀବ ପାଢ଼ୀ, ଭବାନୀ ପ୍ରସାଦ ହୋତା ମଞ୍ଚାସୀନ ଥିଲେ। ପ୍ରତିବର୍ଷ ଭଳି ୭ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ମେଳାରେ ପ୍ରାୟ ୮ ଶହରୁ ଊର୍ଦ୍ଧ୍ୱ ବ୍ୟବସାୟୀଙ୍କ ଦୋକାନ ବଜାର ଲାଗିବ। ଏନେଇ ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ବିଧାୟକ ଜୈନ ମେଳାରେ ବିଶୁଦ୍ଧ ପାନୀୟ ଜଳ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ପରିମଳ, ଅଗ୍ନି ନିରାପତ୍ତା, ଆଇନଶୃଙ୍ଖଳା ରକ୍ଷା ସମେତ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ସନ୍ଦୀପ ଚନ୍ଦ୍ରକାର, ଅତିରିକ୍ତ ତହସିଲଦାର ଶକୁନ୍ତଳା ହାଁସଦା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ, ବାର୍ ସଂଘ ସଭାପତି ସଞ୍ଜୟ ବେହେରା, କମ୍ବୁପାଣି ପାଢ଼ୀ, ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାଶ, ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ବୀରବର ସାହୁ, ଭାଜପା ନଗର ସଭାପତି ବୁଦ୍ଧିଆ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

# ନିପୁଣ ଓଡ଼ିଶା ମିଶନ ଲୋଗୋ ଉନ୍ମୋଚିତ


ଲୋଗୋ ଉନ୍ମୋଚନ ଅବସରରେ ଅଧିକାରୀ ଓ ଶିକ୍ଷକ ।

**ଲୋଇସିଂହା,୨୮।୧(ସୁଶାନ୍ତ ବାରିକ)**

ମଙ୍ଗଳବାର ବଲାଙ୍ଗୀର ଜିଲା ସମଗ୍ର ଶିକ୍ଷା ଅଭିଯାନ ଓ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଲୋଇସିଂହା ବାଳିକା ଉଚ୍ଚ ବିଦ୍ୟାଳୟରେ ନିପୁଣ ଓଡିଶା ମିଶନ ୨୦୨୪-୨୫ ବ୍ଲକସ୍ତରୀୟ ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଇଓ ରୀନା କୁମାରୀ ବେହେରା ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ସରପଞ୍ଚ ନବକିଶୋର ନାକ, ବଲାଙ୍ଗୀର ଡିଆଇଟିର ମମତା ମଞ୍ଜରୀ ସାହୁ,ଏବିଓ ଟଙ୍କଧର ଭୋଇ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ୧୦ଟି କ୍ଲଷ୍ଟରର ସିଆରସିସି, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ । ବିଇଓ ବେହେରା କହିଥିଲେ, ପ୍ରାଥମିକ ଶିକ୍ଷାର ମୂଳଦୁଆ ହେଉଛି ପ୍ରଥମରୁ ତୃତୀୟ ଶ୍ରେଣୀ। ଚତୁର୍ଥରୁ ତଦୁର୍ଦ୍ଧ୍ୱ ଶ୍ରେଣୀକୁ ଉନ୍ନୀତ ହେଲା ପରେ ଛାତ୍ରୀଛାତ୍ରଙ୍କ ନିକଟରେ ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନର ଘୋର ଅଭାବ ପରିଲକ୍ଷିତ ହେଉଛି । ଏହି ବର୍ଗର ଛାତ୍ରୀଛାତ୍ରଙ୍କ ବହି ପଠନରେ ସମସ୍ୟା ସୃଷ୍ଟି ହେଉଛି । ଉକ୍ତ ବର୍ଗର ଛାତ୍ରୀଛାତ୍ରଙ୍କୁ ନିପୁଣ ଓଡିଶା ମିଶନ ଜରିଆରେ ସ୍ୱତନ୍ତ୍ର ଗାଇଡ୍ ଶିକ୍ଷକ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ଶିକ୍ଷାଦାନ କରି କିପରି ୨୦୨୬-୨୭ ଶିକ୍ଷାବର୍ଷ ସୁଦ୍ଧା ସେହି ବର୍ଗର ଛାତ୍ରୀଛାତ୍ର ଭାଷା ଓ ସଂଖ୍ୟା ଜ୍ଞାନ ସହଜରେ ହାସଲ କରିପାରିବେ ସେ ନେଇ ପ୍ରସ୍ତୁତ ରହିବାକୁ ସିଆରସିସି ଓ ପ୍ରଧାନଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଏହାସହିତ କ୍ଲଷ୍ଟର ଓ ବ୍ଲକସ୍ତରରେ ନିପୁଣ ମେଳା ଆସନ୍ତା ମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ଆୟୋଜନ କରିବାକୁ ସୂଚନା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଥମ ଓଡିଶାର ରାଜ୍ୟ ସଂଯୋଜକ ମଳୟ କୁଅଁର ଓ ଜିଲା ସଂଯୋଜକ ସୁଧୀର ଦାସ ଉପସ୍ଥିତ ରହି ନିପୁଣ ଓଡିଶା ଏବଂ ଅନୁଷ୍ଠାନ ପକ୍ଷରୁ ବ୍ଲକରେ ଚାଲିଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆଗାମୀ ଦିନରେ ବ୍ଲକର ଏକଶହ ଗାଁ ଓ ବିଦ୍ୟାଳୟରେ ପ୍ରଥମ ଓଡିଶା ଅନୁଷ୍ଠାନ କାର୍ଯ୍ୟ କରିବାକୁ ଯାଉଥିବା ସୂଚନା ଦିଆଯାଇଥିଲା।


**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - 751001**
**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ମୁଖ୍ୟ କାର୍ଯ୍ୟାଳୟର ତୃତୀୟ ମହଲା ଅଞ୍ଚଳର ନବୀକରଣ (ବୈଦ୍ୟୁତିକ କାର୍ଯ୍ୟ)** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn**ରେ ଆବେଦନର ଶେଷ ତାରିଖ **ଫେବୃଆରୀ ୧୩, ୨୦୨୫ ଅପରାହ୍ନ ୦୨.୦୦ଟା** ଅଟେ।

**କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର**





# ଛାତ୍ର ଜୀବନ ବିଳାସବ୍ୟସନର ସମୟ ନୁହେଁ

ଅମରପାଲି,୨୮।୧(ପୀତାମ୍ବର ସାହୁ)

ଛାତ୍ର ଜୀବନ ବିଳାସ ବ୍ୟସନର ସମୟ ନୁହେଁ, ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନିର୍ଦ୍ଦିଷ୍ଟ ପ୍ରତିଭା ରହିଛି। ଛାତ୍ରମାନେ ସେମାନଙ୍କର ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ପହଞ୍ଚିବା ପାଇଁ କଠୋର ପରିଶ୍ରମ କରନ୍ତୁ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ସରକାରୀ ବାଳକ ହାଇସ୍କୁଲରେ ସୋମବାର ଅପରାହ୍ଣରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ନିରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ହିମାଂଶୁ ଶେଖର ପାଢ଼ୀ ମୁଖ୍ୟଅତିଥି ଓ ବିଶିଷ୍ଟ ଐତିହାସିକ ଡ. ସୁଦାମ ନାଏକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେହିପରି



ବୀରମହାରାଜପୁର ସରକାରୀ ବାଳକ ହାଇସ୍କୁଲରେ ବାର୍ଷିକ ଉତ୍ସବରେ ଅତିଥିମାନେ।

**ବୀରମହାରାଜପୁର ସରକାରୀ ବାଳକ ହାଇସ୍କୁଲର ବାର୍ଷିକ ଉତ୍ସବ**

ସ୍ଥାନୀୟ ଷ୍ଟେଟ ବ୍ୟାଙ୍କର ଶାଖା ପରିଚାଳକ ଲମ୍ବୋଦର ସିଂ, ମୁର୍ଷୁଣ୍ଡି ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଳିଆ କର୍ମୀ ଓ ପୂର୍ବତନ ଶାରୀରିକ ଶିକ୍ଷା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପ୍ରାରମ୍ଭରେ ଗୁରୁ ହୃଷିକେଶ ଦାସଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ବରିଷ୍ଠ ଶିକ୍ଷକ ସଦାନନ୍ଦ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷକ ବୈକୁଣ୍ଠ ନାଏକ ସଭା ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ଜ୍ୟୋତିର୍ମୟୀ ବେହେରା ଓ ଜ୍ୟୋତିର୍ମୟୀ ମିଶ୍ର ପରିଚାଳନା କରିଥିଲେ। ଶ୍ରେଷ୍ଠ ଛାତ୍ର ଭାବେ ଶେଷଦେବ ମେହେର, ମହାନଦୀ ହାଉସ ଶ୍ରେଷ୍ଠ ହାଉସ ଓ କ୍ରୀଡାଙ୍ଗାନା କ୍ଲବ ଶ୍ରେଷ୍ଠ କ୍ଲବ ଭାବେ ପୁରସ୍କୃତ ହୋଇଥିଲେ। ଏହା ସହିତ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। କାଦୋଦର କଲେଜର ଆଇଟି ଅଧ୍ୟାପକ ଉଦ୍ଧବ ପଧାନ ମେଜିକ ସୋ ପରିବେଷଣ କରିଥିଲେ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ବିନିକା,୨୮।୧(ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଫୁଲମୁଠି କନିଷ୍ଠ ମହିଳା ମହାବିଦ୍ୟାଳୟଠାରେ ୮ଦିନ ଧରି ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପଞ୍ଚାନନ ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ, ଖବରଦାତା ରାମଗୋପାଳ ବାଘ ଯୋଗଦେଇ ଛାତ୍ରୀମାନେ ନିଜର ଆତ୍ମରକ୍ଷା କୌଶଳ ଶିକ୍ଷା କରିବା ସହିତ ଭବିଷ୍ୟତ ସୁରକ୍ଷା ପାଇଁ ସଜାଗ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ବଇଜନ୍ତି ସାହୁ, ସମ୍ମାନିତ ଅତିଥି ଭାବେ ନର୍ସିଙ୍ଗ ପଧାନ, ହିମାଂଶୁ ଶେଖର ପୁଟେଲ, ପୋଗ୍ରାମ ଅଧିକାରୀ ସବ୍ୟସାଚୀ ଦନ୍ତା ଯୋଗଦେଇଥିଲେ। ଆତ୍ମରକ୍ଷା



ଆତ୍ମରକ୍ଷା ତାଲିମ ଶିବିର କାର୍ଯ୍ୟକ୍ରମରେ ଅତିଥିଙ୍କ ସହିତ ଛାତ୍ରୀ।

କୌଶଳ କେବଳ ନିଜ ପାଇଁ ଓ ସାଙ୍ଗ ସାଥିମାନଙ୍କୁ ଏହି ତାଲିମ ପ୍ରଦାନ କରିବା ପାଇଁ ଆଲୋକପାତ କରିଥିଲେ। ମାଷ୍ଟର ଟ୍ରେନର ସାବିତ୍ରୀ ସାହୁ, ନମ୍ରତା ଖେତି ଛାତ୍ରୀମାନଙ୍କୁ ନେଇ ଡେମୋ ଦେଖାଇଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ କ୍ଷେତ୍ରରେ କୃତୀ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୋଗ୍ରାମ ଅଧିକାରୀ ସବ୍ୟସାଚୀ ଦନ୍ତା ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପକ ଅଶୋକ କୁମାର ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

# ସୁସ୍ଥ ସମାଜ, ପରିବେଶ ଗଠନ ପାଇଁ ପରାମର୍ଶ



ବାର୍ଷିକ ଉତ୍ସବ ଶେଫାଳିରେ ମୁଖ୍ୟଅତିଥି କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

**ପ୍ରତାପପୁର ବିଦ୍ୟାଳୟରେ ବାର୍ଷିକ ଉତ୍ସବ**

ସୋନପୁର,୨୮।୧(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକ ପ୍ରତାପପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଶେଫାଳି ମଙ୍ଗଳବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସୁବର୍ଣ୍ଣପୁରର ପୂର୍ବତନ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସୁସ୍ଥ ପରିବେଶ ଓ ସୁସ୍ଥ ସମାଜ ଗଠନ ପାଇଁ ନୀତିବାନ ହେବାକୁ ପରାମର୍ଶ ଦେଇଥିଲେ। ଏଥିରେ ବୀରମହାରାଜପୁର ବ୍ଲକର ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର, ତନୁଶ୍ରୀ କୁମ୍ଭକାର ସ୍ୱତନ୍ତ୍ର ଅତିଥି ଭାବରେ ଯୋଗଦେଇଥିଲେ। ସୋନପୁର ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ମୁଖ୍ୟବକ୍ତା, ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗତିକୃଷ୍ଣ ମିଶ୍ର ଏବଂ ବରିଷ୍ଠ ଆଇନଜୀବି ଶ୍ୟାମା ଓଁ ପ୍ରସାଦ ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଲକ୍ଷ୍ମଣ ମେହେର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ନନ୍ଦ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ବରିଷ୍ଠ ସହକାରୀ ଶିକ୍ଷକ ଗୋପେଶ ପଣ୍ଡା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଶ୍ୟାମା ଓଁ ପ୍ରସାଦ ମିଶ୍ରଙ୍କ ଦ୍ୱାରା ଲିଖିତ ତଥା ମନୋଜ ବାରିକଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ 'ତସ୍ମୈ ଶ୍ରୀ ଗୁରବେ ନମଃ' ପରିବେଷଣ ହୋଇଥିଲା। ପରେ ଲିଟିଲ ଚାମ୍ପ ଏସ.କେ ହରଜିତ ଓ କ୍ରିଷ୍ଣା ମହାପାତ୍ର ସ୍ୱତନ୍ତ୍ର କଳା ପ୍ରଦର୍ଶନ କରିଥିଲେ। ରୁଗୁଡିପାଲି ଉ.ପ୍ରା. ବିଦ୍ୟାଳୟର ବରିଷ୍ଠ ସହକାରୀ ଶିକ୍ଷକ ଦୋଳଗୋବିନ୍ଦ ପଣ୍ଡା ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।


## ଭାରତୀୟ ରିଜର୍ଭ ବ୍ୟାଙ୍କ

ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟର ତୃତୀୟ ମହଲା ଅଞ୍ଚଳର ନବୀକରଣ (ବୈଦ୍ୟୁତିକ କାର୍ଯ୍ୟ) ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn**ରେ ଆବେଦନର ଶେଷ ତାରିଖ ଫେବୃଆରୀ ୧୩, ୨୦୨୫ ଅପରାହ୍ନ ୦୨.୦୦ଟା ଅଟେ।

**କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର**




**ମିଷ୍ଟାନ୍ନ, ଫଳ ବଣ୍ଟନ**

ଦେବଗଡ଼,(ଶଶାଙ୍କ ଶେଖର ଝାଙ୍କର): ଦେବଗଡ଼ ସ୍ୱତନ୍ତ୍ର ଉପକାରାଗାରର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ରୋଗୀଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ଫଳ ବଣ୍ଟନ କରାଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁ ଦେବଗଡ଼ ସ୍ୱତନ୍ତ୍ର ଉପକାରାଗାରକୁ ଯାଇ ସେଠାକାର ଅନ୍ତେବାସୀମାନଙ୍କୁ ଭେଟି ଆଲୋଚନା କରିବା ସହ ସେମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏହାପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଚିକିତ୍ସାଧୀନ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଏହି ଅବସରରେ ଜିଲାପାଳ ସାହୁଙ୍କ ସମେତ ଜିଲା ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଉପଜିଲାପାଳ ପରକ୍ଷୀତ ସାହୁ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ପ୍ରମୁଖ ଉପସ୍ଥିତ ଥିଲେ।

# ଗୋପିକିଶୋର (ଏ) ଚାମ୍ପିୟନ

ଦେବଗଡ଼,୨୮।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ସେବା ସଂଘ ଓ ଜିଲା କ୍ରୀଡ଼ା ସଂସଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ଜିଲାସ୍ତରୀୟ ଦିବାରାତ୍ର କବାଡି ପ୍ରତିଯୋଗିତା ସୋମବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ତଅଁଳାସାହି ନେତାଜୀ କ୍ଲବ ଏବଂ ଗୋପିକିଶୋର (ଏ) ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେଇଥିଲା। ଭିତିରିଆ ସାହି ଗୋପିକିଶୋର (ଏ) ଚାମ୍ପିୟନ ହୋଇଛି। ପ୍ରଥମ ସେମି ଫାଇନାଲ ମ୍ୟାଚ୍ ତିମୂର ଦୁଆସୁଣୀ କ୍ଲବ ଓ ଗୋପୀକିଶୋର (କ) ମଧ୍ୟରେ ହୋଇଥିଲା। ଏହି ମ୍ୟାଚ୍‌ରେ ୬୨-୨୪ରେ ଗୋପିକିଶୋର ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଥିଲା। ସେହିପର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ପୁରୁଣାଗଡ଼ ମା' ମହାଲକ୍ଷ୍ମୀ କ୍ଲବ ଓ ତଅଁଳାସାହି ନେତାଜୀ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ୩୭-୧୪ରେ ନେତାଜୀ କ୍ଲବ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଥିଲା। ଜିଲାସ୍ତରୀୟ ଦିବାରାତ୍ର ଫାଇନାଲ ମ୍ୟାଚ ତଅଁଳାସାହି ନେତାଜୀ କ୍ଲବ ଓ ଭିତିରିଆ ସାହି ଗୋପିକିଶୋର ଆସୋସିଏଶନ (ଏ) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ୩୮-୩୦ରେ ବିଜୟୀ ହୋଇ ଗୋପିକିଶୋର (ଏ)ଦଳ ଚାମ୍ପିୟନ ହୋଇଥିଲା। ଦେବଗଡ଼ ସେବା ସଂଘ ସଭାପତି ଧର୍ମେନ୍ଦ୍ର କୁମାର ଦେବତାଙ୍କ ଅଧ୍ୟକ୍ଷତାରେ ସୋମବାର ଅପରାହ୍ନରେ ରିଜିନାଲ ଅଫିସର ଷ୍ଟେଟ ପୋଲୁସନ କଣ୍ଟ୍ରୋଲ ବୋର୍ଡ ଓଡ଼ିଶା, ସତ୍ୟ ନାରାୟଣ ନନ୍ଦ ଯୋଗଦେଇ ଜିଲାସ୍ତରୀୟ କବାଡି ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଜିଲାସ୍ତରୀୟ ଦିବାରାତ୍ର କବାଡି ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ଧୀରେନ୍ଦ୍ର କୁମାର ନାୟକ, ସମ୍ପାଦକ ସୁଶୀଲ କୁମାର ନାୟକ, କମିଟି ଉପଦେଷ୍ଟା ଡାକ୍ତର ସୁଶୀଲ କୁମାର ମହାପାତ୍ର ପ୍ରମୁଖ ଆୟୋଜକ ଓ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଓ ରନର୍‌ଅପ ଦଳକୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ। ଜିଲାସ୍ତରୀୟ କବାଡି ପ୍ରତିଯୋଗିତାର ସମସ୍ତ ମ୍ୟାଚ୍ ଅଫିସିଆଲ ଭାବେ ମନୋଜ କୁମାର ଆଚାର୍ଯ୍ୟ, ରଞ୍ଜିତା ମିଶ୍ର, କୁନିତା ସାହୁ, କିରଣ ଟପ୍ପୋ, ଡିଲେଶ୍ୱର ସ୍ୱାଇଁ, ମାନସ ଦାସ, ପିଣ୍ଟୁ କୁମାର ବେହେରା, ପୁଲିନ କୁମାର ସାହୁ, ଟିପ୍ପନ ସାହୁ, କ୍ଷିତୀଶ କୁମାର ଦେହୁରୀ, ଦେବେନ୍ଦ୍ର ନାୟକ, ସୌରଭ କୁମାର ନାୟକ, ସନ୍ତୋଷ କୁମାର ବେହେରା, ସୂର୍ଯ୍ୟ ଭୋଇ, ବାତ୍ସଲ୍ୟ ବିଶ୍ୱାଳ ପରିଚାଳନା କରିଥିବା ବେଳେ ବେଣୁଧର ଗଡ଼ନାୟକ ଧାରାବିବରଣୀ ପ୍ରଦାନ କରିଥିଲେ।


ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଉଛି।

**ଦିବାରାତ୍ରି କବାଡ଼ି ପ୍ରତିଯୋଗିତା**

# ଝାରସୁଗୁଡ଼ା ଏୟାରପୋର୍ଟ ଟିମ୍‌କୁ ଟାଇଟଲ

ଝାରସୁଗୁଡ଼ା,୨୮।୧(ଆଶିଷ ରଞ୍ଜନ ଦାଶ)

**ସ୍ୱର୍ଗତ କିଶୋର ମହାନ୍ତି ମେମୋରିଆଲ ଫୁଟ୍‌ବଲ**

ଝାରସୁଗୁଡ଼ା ଜିଲା ସଦର ବ୍ଲକ ବରମାଳ ମିନି ଷ୍ଟାଡିୟମରେ ତାଳପଟିଆର ବରମାଳ ଆଦିବାସୀ ଆଥେଲେଟିକ କ୍ଲବ ଆନୁକୂଲ୍ୟରେ ପୂର୍ବତନ ବିଧାୟକ ସ୍ୱର୍ଗତ କିଶୋର ମହାନ୍ତି ମେମୋରିଆଲ ଏକ ଦିବସୀୟ ନକ୍‌ଆଉଟ ଫୁଟ୍‌ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଝାରସୁଗୁଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାର ଶ୍ରେଷ୍ଠ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ମଙ୍ଗଳବାର ଅପରାହ୍ନରେ ଫାଇନାଲ ମ୍ୟାଚ୍ ଏସପି କ୍ଲବ ଭଗପଡା ସମ୍ବଲପୁର ଓ ଏୟାରପୋର୍ଟ କ୍ଲବ ଝାରସୁଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଶେଷ ହେବାର ୨ ମିନିଟ ପୂର୍ବରୁ ଏୟାରପୋର୍ଟ କ୍ଲବ ୭ ନମ୍ବର ଖେଳାଳିଗୋଲଦେଇଏୟାରପୋର୍ଟ କ୍ଲବକୁ ବିଜୟୀ କରିଥିଲେ। ପୂର୍ବାହ୍ନ ୧୦ଟାରେ ଅତିଥି ଭାବେ ଦଶରଥ ଶର୍ମା, ସ୍ଥାନୀୟ ସାମାଜିକ କର୍ମୀ ଯୋଗଦେଇ ମ୍ୟାଚ୍ ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ଫାଇନାଲ ମ୍ୟାଚରେ ପୂର୍ବତନ ଝାରସୁଗୁଡ଼ା ତଥା ବ୍ରଜରାଜନଗର ବିଧାୟକ ସ୍ୱର୍ଗତ କିଶୋର ମହାନ୍ତିଙ୍କ ପୁଅ ପୁରୁଷୋତ୍ତମ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟଅତିଥି ମହାନ୍ତି ବିଜୟୀ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ଓ ରନର ଅପ୍ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ।


ଚାମ୍ପିୟନ ଟିମ୍ ଖେଳାଳିଙ୍କ ସହ ଅତିଥି।

# ବଡିବିଲ୍ଡିଂ ଚାମ୍ପିୟନଶିପ୍: ଦେବଗଡ଼ର ରଞ୍ଜନଙ୍କୁ ସଫଳତା



ଦେବଗଡ଼,୨୮।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ପୌରାଞ୍ଚଳ ୧ନମ୍ବର ୱାର୍ଡ ଭିତିରିଆସାହିର ରଞ୍ଜନ ଚୌଧୁରୀ ବରଗଡ଼ରେ ପଶ୍ଚିମ ଓଡ଼ିଶା ବଡିବିଲ୍ଡିଂ ଚାମ୍ପିୟନଶିପ ଆନୁକୂଲ୍ୟରେ ଆୟୋଜିତ କୋଶଳ ଶ୍ରୀ -୨୦୨୫ରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ଜଣାପଡିଛି। ସେହିପରି ବାଲେଶ୍ୱର ବଡିବିଲ୍ଡିଂ ଚାମ୍ପିୟନଶିପ ଓ ଏବିଏ କଲେଜ ଆନୁକୂଲ୍ୟରେ ଆୟୋଜିତ ବାଲେଶ୍ୱରର ୨୧ତମ ମିଷ୍ଟର ଓଡ଼ିଶା-୨୦୨୫ (୮୫ବର୍ଗ)ରେ ଦ୍ୱତୀୟ ସ୍ଥାନ ଅଧିକାର କରି ଦେବଗଡ଼ ଜିଲା ପାଇଁ ଗୌରବ ଅଣିଛନ୍ତି। ତାଙ୍କ ଏହି ସଫଳତା ନିମନ୍ତେ ଦେବଗଡ ଜିଲାର ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।


## ଭାରତୀୟ ରିଜର୍ଭ ବ୍ୟାଙ୍କ

**ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751001**

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ମୁଖ୍ୟ କାର୍ଯ୍ୟାଳୟର ତୃତୀୟ ମହଲା ଅଞ୍ଚଳର ନବୀକରଣ (ବୈଦ୍ୟୁତିକ କାର୍ଯ୍ୟ)** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn**ରେ ଆବେଦନର ଶେଷ ତାରିଖ **ଫେବୃଆରୀ ୧୩, ୨୦୨୫ ଅପରାହ୍ନ ୦୨.୦୦ଟା** ଅଟେ।

**କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର**





